**ଲିଫ୍ଟରୁ ପଡ଼ି ଶ୍ରମିକଙ୍କ ମୃତ୍ୟୁ**

ଭୁବନେଶ୍ୱର,(ବ୍ୟୁରୋ): ଶୁକ୍ରବାର କଟକ ରୋଡ୍ ଅଞ୍ଚଳରେ ସିମେଣ୍ଟ ବୋହୁଥିବାବେଳେ ଲିଫ୍ଟରୁ ପଡ଼ି ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଖୋର୍ଦ୍ଧା ଜିଲା ବୁରାପାଟଣାନାମ ଗ୍ରାମର ବିଭୁ ପୃଷ୍ଟି। ସେ ନିଜ ସମ୍ପର୍କୀୟ ଅଜୟ କୁମାର ସାହୁଙ୍କ ଘରେ ରହି ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଶୁକ୍ରବାର ସକାଳେ କଟକରୋଡ ଯାତ୍ରୀ ନିବାସ ନିକଟରେ ଏକ କୋଠା ନିର୍ମାଣ ଚାଲିଥିବାବେଳେ ବିଭୁ ସେଠାରେ ଶ୍ରମିକଭାବେ ସିମେଣ୍ଟ ବୋହୁଥିଲେ। ସେ ଲିଫ୍ଟରେ ସିମେଣ୍ଟ ନେଉଥିବାବେଳେ ହଠାତ ଗୋଡ ଖସିଯିବାରୁ ତଳେ ପଡ଼ିଯାଇଥିଲେ। ଅଚେତ ଅବସ୍ଥାରେ ତାଙ୍କୁ ହସ୍ପିଟାଲ ନିଆଯାଉଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ଲକ୍ଷ୍ମୀସାଗର ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧୩/୨୧) ରୁଜୁ କରିଛି।

# ଅପରାଧୀଙ୍କ ହାତରେ ମାଳମାଳ ବନ୍ଧୁକ

## ୮ ବନ୍ଧୁକ, ୨୦ ଗୁଳି ଜବତ, ଦୁଇ ଚାଲାଣକାରୀ ଗିରଫ

**ଆନ୍ତଃଜିଲା ବନ୍ଧୁକ ର୍ୟାକେଟ ଠାବ**

- ୫ରୁ ଅଧିକ ଜିଲାରେ ରହିଛନ୍ତି ଗ୍ୟାଙ୍ଗ ସଦସ୍ୟ
- ରାଜ୍ୟରେ ତିଆରି ହେଉଛି ବନ୍ଧୁକ, ବାହାରୁ ବି ଆସୁଛି
- ଲୁଟ୍, ଦାଦାବଟି, ଡକାୟତି ଆଦି ଅପରାଧରେ ସମ୍ପୃକ୍ତି ସୂଚନା



ଜବତ ବନ୍ଧୁକ ଓ ଗୁଳି।

ଭୁବନେଶ୍ୱର,୯।୪(ବ୍ୟୁରୋ)

ରାଜ୍ୟରେ ବେଧଡ଼କ ଚାଲିଛି ବେଆଇନ ବନ୍ଧୁକ କାରବାର। କିଛି ବନ୍ଧୁକ ଓଡ଼ିଶାରେ ତିଆରି ହେଉଥିବାବେଳେ ଆଉ କିଛି ବାହାର ରାଜ୍ୟରୁ ଚୋରାରେ ଆସୁଛି। ଅପରାଧୀଙ୍କୁ ବନ୍ଧୁକ ଯୋଗାଇବା ସହ ନିଜେ ମଧ୍ୟ ଚୋରା ବନ୍ଧୁକ ମୁନରେ ବଡ଼ ବଡ଼ ଲୁଟ୍, ଡକାୟତି, ଦାଦାବଟି ଆଦାୟ ଆଦି ଅପରାଧ ଘଟାଉଛନ୍ତି। କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଏଭଳି ଏକ ଆନ୍ତଃଜିଲା ବନ୍ଧୁକ ର୍ୟାକେଟକୁ ଠାବ କରିବା ସହ ଦୁଇଜଣ ଚାଲାଣକାରୀଙ୍କୁ କଟକ ନିଆଳି ଅଞ୍ଚଳରୁ ଗିରଫ କରିଛି। ସେମାନଙ୍କ ନିକଟରୁ ୮ଟି ବନ୍ଧୁକ ଓ ୨୦ ରାଉଣ୍ଡ ଗୁଳି ମିଳିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ଜଗତ୍‌ସିଂହପୁର ଜିଲାର କାଳିଆ ଓରଫ ସୁରେଶ କୁମାର ଦାସ ଓ ସୌମ୍ୟରଞ୍ଜନ ଦଳେଇ। ତେବେ ଏହି ବନ୍ଧୁକ କାରବାର ପଛରେ ଏକ ବଡ଼ ର୍ୟାକେଟ୍ କାମ କରୁଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଏଥିରେ ଏକ ବଡ଼ ଅପରାଧୀ ଗ୍ୟାଙ୍ଗ୍‌ର ସମ୍ପୃକ୍ତି ରହିଛି। ପୁରୀ ଜଗତ୍‌ସିଂହପୁର, କେନ୍ଦ୍ରାପଡା,କଟକ, ଭୁବନେଶ୍ୱରରେ



ଗିରଫ ୨ ଅଭିଯୁକ୍ତ।

ଏହି ଗ୍ୟାଙ୍ଗ୍‌ର ସଦସ୍ୟ ରହିଥିବାବେଳେ ଏମାନେ ରାଜ୍ୟର ବିଭିନ୍ନ ଜିଲାରେ ଲୁଟ୍, ଦାଦାବଟି, ଡକାୟତି, ବ୍ରାଉନ୍‌ସୁଗାର ବେପାର ଭଳି ଆପରାଧିକ କାର୍ଯ୍ୟରେ ଲିପ୍ତ ଅଛନ୍ତି। ଏମାନେ ରାଜ୍ୟ ବାହାରୁ ବନ୍ଧୁକ ମଗାଇ ବିକ୍ରି କରୁଛନ୍ତି। ଏମିତିକି ରାଜ୍ୟରେ ମଧ୍ୟ ପ୍ରସ୍ତୁତ ହେଉଥିବା ଦେଶୀ ବନ୍ଧୁକ କାରବାର କରୁଛନ୍ତି। ଦୁଇ ଅଭିଯୁକ୍ତଙ୍କୁ ପଚରାଉଚରାବେଳେ ର୍ୟାକେଟ ସମ୍ପର୍କରେ ଏଭଳି ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାତରେ ଲାଗିଥିଲା ଏସ୍‌ଟିଏଫ୍ ଡିଆଇଜି ଜୟନାରାୟଣ ପଙ୍କଜ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ତେଣୁ ସେମାନଙ୍କୁ ରିମାଣ୍ଡରେ ଆଣି ଖୋଳତାଡ କରିବା ସହ ସମ୍ପୃକ୍ତ ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସେ କହିଛନ୍ତି। ସୂଚନା ଅନୁଯାୟୀ, ଅଭିଯୁକ୍ତ ଦ୍ୱୟ ଶୁକ୍ରବାର ସକାଳେ ବନ୍ଧୁକ ଡିଲ୍ କରିବା ପାଇଁ ଜଗତ୍‌ସିଂହପୁରରୁ କଟକ ଆସୁଥିଲେ। ପୂର୍ବରୁ ଖବର ପାଇ ଏସ୍‌ଟିଏଫ୍‌ର ଏକ ଟିମ୍ ନିଆଳି ଶିଖରଘାଟ ପୋଲ ନିକଟରେ ଜଗି ରହିଥିଲା। ସେମାନେ ସେହି ବାଟଦେଇ ଯିବାବେଳେ ଏସ୍‌ଟିଏଫ୍ ଅଧିକାରୀମାନେ ସେମାନଙ୍କୁ ଅଟକାଇ ଯାଞ୍ଚ କରିବାରୁ ବନ୍ଧୁକ ଓ ଗୁଳି ମିଳିଥିଲା।

### ଜଗତ୍‌ସିଂହପୁର ବୋମା ମାଡ଼ରୁ ମିଳିଲା ସୁରାକ

ବୁଧବାର ଜଗତ୍‌ସିଂହପୁରରେ ମଦ କାଉଣ୍ଟର ଲାଇସେନ୍ସ ପାଇଁ ଉଠିଥିବା ଲଟେରିକୁ କେନ୍ଦ୍ର କରି ବୋମାମାଡ଼ ହୋଇଥିଲା। ଏଥିରେ ସମ୍ପୃକ୍ତ ୨ଜଣ ଅଭିଯୁକ୍ତଙ୍କୁ ଗୁରୁବାର ଜଗତ୍‌ସିଂହପୁର ପୋଲିସ ଗିରଫ କରି ପଚରାଉଚରା କରିଥିଲା। ଏହି ସମୟରେ ଉକ୍ତ ଗ୍ୟାଙ୍ଗ୍ ଓ ବନ୍ଧୁକ ଚୋରା ଚାଲାଣ ର୍ୟାକେଟ୍ ସମ୍ପର୍କରେ ସୁରାକ ମିଳିଥିଲା। ଏହାପରେ ଏସ୍‌ଟିଏଫ୍ କାଳିଆ ଓ ସୌମ୍ୟରଞ୍ଜନଙ୍କ ଉପରେ ନଜର ରଖିଥିଲା। ଅନ୍ୟପକ୍ଷରେ କିଛିଦିନ ତଳେ କଟକ ଅଞ୍ଚଳରୁ ଜବତ ହୋଇଥିବା ବନ୍ଧୁକ ପଛରେ ଏହି ଗ୍ୟାଙ୍ଗ୍‌ର ହାତ ରହିଥିବା ମଧ୍ୟ ସନ୍ଦେହ କରାଯାଉଛି।

### ବନ୍ଧୁକ କାରଖାନାର ଟେର୍ ପାଉନି ପୋଲିସ

ରାଜଧାନୀରୁ ଗାଁ ଗର୍ଜୁଛି ବନ୍ଧୁକ, ଫୁଟୁଛି ଗୁଳି। ଅପରାଧୀ ହାତରେ ମାଳ ମାଳ ବନ୍ଧୁକ ଚୋରାରେ ଆସୁଛି। ହେଲେ ପୋଲିସ ଖୋଜି ପାଉନି। ବିହାର, ଛତିଶଗଡ଼ ଆଦି ବାହାର ରାଜ୍ୟରୁ ଆସୁଥିବା ବନ୍ଧୁକ ଚୋରା ଚାଲାଣକୁ ରୋକିପାରୁ ନ ଥିବାବେଳେ ଓଡ଼ିଶାରେ ରହିଥିବା ବନ୍ଧୁକ କାରଖାନା ସମ୍ପର୍କରେ ଟେର୍ ପାଉନି ପୋଲିସ। ମାଷ୍ଟରମାଇଣ୍ଡ୍ ପାଖରେ ପହଞ୍ଚି ପାରୁ ନ ଥିବାବେଳେ ବାହାର ରାଜ୍ୟରେ ଥିବା କାରଖାନା ଉପରେ ମଧ୍ୟ ଚଢ଼ାଉ କରିବାର ଓଡ଼ିଶା ପୋଲିସର ବଳ ପାଉନି' ଯେଉଁଥିପାଇଁ ରାଜ୍ୟରେ ଅପରାଧ ବଢ଼ି ଚାଲିଥିବା କୁହାଯାଉଛି।

### ୫୦ହଜାରରେ ବନ୍ଧୁକ

ଏହି ଗ୍ୟାଙ୍ଗର ସାରା ରାଜ୍ୟରେ ବଡ଼ ଆପରାଧିକ ନେଟ୍‌ୱର୍କ ରହିଛି। ରାଜ୍ୟରେ ସକ୍ରିୟ ଥିବା ବିଭିନ୍ନ ଗ୍ୟାଙ୍ଗକୁ ଏମାନେ ବନ୍ଧୁକ ଯୋଗାଇବା ସହ ଅସାମାଜିକ ବ୍ୟକ୍ତି, ବିଲ୍ଡର, ଖଣି, ବାଲି ଓ ଜଙ୍ଗଲ ମାଫିଆଙ୍କୁ ଏମାନେ ବନ୍ଧୁକ ଯୋଗାଇଥାନ୍ତି। ବାହାରୁ ଆସୁଥିବା ବନ୍ଧୁକ ପିଛା ୫୦ ହଜାର ଟଙ୍କା ଓ ଓଡ଼ିଶା ତିଆରି ଦେଶୀ ବନ୍ଧୁକ ୩୦ ହଜାରରୁ ଅଧିକ ଟଙ୍କାରେ ବିକ୍ରି କରିଥାନ୍ତି।

**ସଂକ୍ଷେପରେ**

### ୧୬ ଚୋରି ମୋବାଇଲ ସହ ବାଇକ୍ ଜବତ,୩ ଗିରଫ

ଭୁବନେଶ୍ୱର,୯।୪(ବ୍ୟୁରୋ): ଖଣ୍ଡଗିରି ଥାନା ଅଞ୍ଚଳରେ ମୋବାଇଲ ଲୁଟପାଟରେ ସମ୍ପୃକ୍ତ ୩ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅଞ୍ଚଳର ଲିପୁନ ଜୟ ସିଂ, ଗଞ୍ଜାମ ଜିଲା ଧରାକୋଟ ଥାନା ଅଞ୍ଚଳର ରାଜେଶ ଭୋଇ ଓ ତମାଣ୍ଡୋ ଥାନା ଅଞ୍ଚଳର ଚିନ୍ମୟୀ ବେହେରା। ଏଥିସହ ସେମାନଙ୍କଠାରୁ ପୋଲିସ ୧୬ଟି ଚୋରା ମୋବାଇଲ ସହ ଲୁଟପାଟରେ ବ୍ୟବହୃତ ବାଇକକୁ ଜବତ କରିଛି। ସୂଚନା ମୁତାବକ, ପାତ୍ରପଡା ଅଞ୍ଚଳର ପପୁ କୁମାର ଗତ ୧୪ ତାରିଖ ସନ୍ଧ୍ୟାରେ ଭି୨ ଶପିଂ ମଲ ନିକଟରେ ମୋବାଇଲରେ କଥା ହୋଇ ଚାଲି ଚାଲି ଯାଉଥିଲେ। ଏହି ସମୟରେ ଅଭିଯୁକ୍ତ ଲିପୁନ ଓ ରାଜେଶ ନଂ.ଓଡି ୩୩ ଏଲ ୧୭୩୫ ବାଇକରେ ପିଛା କରି ପପୁଙ୍କ ମୋବାଇଲ ଛଡ଼ାଇ ଫେରାର ହୋଇଯାଇଥିଲେ। ଏ ନେଇ ପପୁଙ୍କ ଅଭିଯୋଗ କ୍ରମେ ପୋଲିସ ନଂ.୨୦୫/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ସିସିଟିଭି ଫୁଟେଜକୁ ଆଧାର କରି ପୋଲିସ ଅଭିଯୁକ୍ତ ଲିପୁନ ଓ ରାଜେଶଙ୍କୁ ଗିରଫ କରିବା ସହ ୧୬ଟି ମୋବାଇଲ ଜବତ କରିଥିଲା। ଏଥିସହ ଚୋରା ମୋବାଇଲଗୁଡିକ ବିକ୍ରି କରୁଥିବା ସହଯୋଗୀ ଅଭିଯୁକ୍ତ ଚିନ୍ମୟଙ୍କୁ ମଧ ଗିରଫ କରିଥିଲା। ୩ ଅଭିଯୁକ୍ତଙ୍କୁ ପଚରା ଉଚରା ପରେ ପୋଲିସ ଶୁକ୍ରବାର କୋର୍ଟ ଚାଲାଣ କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ଦିନକରେ ଦେଢ଼ଶହ, ୨ ଡାକ୍ତର ପଜିଟିଭ୍

**ରାଜଧାନୀକୁ ବ୍ୟାପିଗଲାଣି ସଂକ୍ରମଣ**

ଭୁବନେଶ୍ୱର,୯।୪(ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରର ଚାରିଆଡକୁ ମାଡ଼ିଗଲାଣି କରୋନାର ଦ୍ୱିତୀୟ ଲହର ସଂକ୍ରମଣ। ପୋଲିସ ଓ ପ୍ରଶାସନ ପକ୍ଷରୁ ଚଢ଼ାଉ, ଯାଞ୍ଚ ସହ କଡ଼ା ପଦକ୍ଷେପ ସତ୍ତ୍ୱେ ସ୍ଥିତି ସଙ୍ଗିନ ହେବାରେ ଲାଗିଛି। ଶେଷ ୨୪ ଘଣ୍ଟାରେ ଭୁବନେଶ୍ୱରରେ ୧୫୦ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସବୁଠାରୁ ଚିନ୍ତାର ବିଷୟ ହେଲା, ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୩୩ଜଣ କ୍ୱାରାଣ୍ଟାଇନ ସେଣ୍ଟରର ଥିବାବେଳେ ୧୧୭ଜଣ ସ୍ଥାନୀୟ ଆକ୍ରାନ୍ତ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ନୟାପଲ୍ଲୀ ଓ ପଟିଆରୁ ସର୍ବାଧିକ ୧୨ଜଣ ଲେଖାଏ ଆକ୍ରାନ୍ତ ବାହାରିଛନ୍ତି। ସେହିଭଳି ପୁରୁଣା ଭୁବନେଶ୍ୱରରୁ ୧୦, ଚନ୍ଦ୍ରଶେଖରପୁରରୁ ୮, ଖଣ୍ଡଗିରି ଓ ରସୁଲଗଡ଼ରୁ ୭ଜଣ ଲେଖାଏ, କଳିଙ୍ଗ ନଗର ଓ ବରମୁଣ୍ଡାରୁ ୬ ଲେଖାଏ, ଆଇଆର୍‌ସି ଭିଲେଜରୁ ୫ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଭୁବନେଶ୍ୱରରେ ମୋଟ ସଂକ୍ରମିତ ସଂଖ୍ୟା ୩୩,୧୯୩ରେ ପହଞ୍ଚିଥିବାବେଳେ ୭୬୫ଜଣ ସକ୍ରିୟ ରୋଗୀ ରହିଛନ୍ତି। ସେପଟେ କ୍ୟାପିଟାଲ ହସ୍ପିଟାଲର ୨ଜଣ ଡାକ୍ତର କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏ ନେଇ ହସ୍ପିଟାଲ ନିର୍ଦ୍ଦେଶକ ଡା. ଲକ୍ଷ୍ମୀଧର ସାହୁ ସୂଚନା ଦେଇଛନ୍ତି। ସେ କହିଛନ୍ତି, ସଂକ୍ରମିତଙ୍କ ମଧ୍ୟରୁ ଜଣେ ଶଲ୍ୟ ଓ ଅନ୍ୟଜଣେ ଭେଷଜ ବିଭାଗର ଡାକ୍ତର। ଏମାନଙ୍କ ସଂସ୍ପର୍ଶରେ ଆସିଥିବା ଅନ୍ୟମାନଙ୍କର ଟେଷ୍ଟିଂ କରାଯାଇଛି। ସମସ୍ତେ ନେଗେଟିଭ ଅଛନ୍ତି। ସେମାନଙ୍କର ପୁଣିଥରେ ଆର୍‌ଟିପିସିଆର୍ ଟେଷ୍ଟ କରାଯିବ ବୋଲି କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଡା. ସାହୁ କହିଛନ୍ତି।

**କରୋନାକୁ ଖାତିର ନାହିଁ**



ଭୁବନେଶ୍ୱର ମାର୍କେଟ ବିଲ୍ଡିଂରେ ଶୁକ୍ରବାର ପୋଲିସ ଉପସ୍ଥିତିରେ ଅସମ୍ଭାଳ ଭିଡ଼ ।

### ସ୍ତ୍ରୀଙ୍କୁ ୨ ଲକ୍ଷ ଠକି ଦ୍ୱିତୀୟ ବିବାହ, ସ୍ୱାମୀ ଗିରଫ

ଭୁବନେଶ୍ୱର,୯।୪(ବ୍ୟୁରୋ)

ସ୍ତ୍ରୀଙ୍କୁ ନିର୍ଯାତନା ଦେବା ସହ ୨ ଲକ୍ଷ ଟଙ୍କା ଠକି ନେଇଥିଲେ। ପରେ ଅନ୍ୟ ଜଣେ ମହିଳାଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ବିବାହ କରିଥିଲେ। ଏପରି କି ୫ ବର୍ଷ ଧରି ଫେରାର ରହିବା ପରେ ଅଭିଯୁକ୍ତ ସ୍ୱାମୀଙ୍କୁ ବଡ଼ଗଡ଼ ଥାନା ପୋଲିସ ଗିରଫ କରିଛି। ସେ ହେଲେ ବାଲିଅନ୍ତା ଅଞ୍ଚଳର ପ୍ରଫୁଲ୍ଲ ବେହେରା ଓରଫ ପ୍ରଫୁଲ୍ଲ ପ୍ରଧାନ। ସୂଚନା ମୁତାବକ, ପ୍ରଫୁଲ୍ଲ ପ୍ରଥମେ ଜଣେ ମହିଳାଙ୍କୁ ବିବାହ କରିଥିବାବେଳେ କିଛି ବର୍ଷ ପରେ ତାଙ୍କର ୨ ପୁତ୍ର ହୋଇଥିଲେ। ପରେ ପ୍ରଫୁଲ୍ଲ ସ୍ତ୍ରୀଙ୍କୁ ନିର୍ଯାତନା ଦେଉଥିଲେ। ଏପରିକି ବେପାର କରିବା ନେଇ ସ୍ତ୍ରୀଙ୍କ ଘର ଲୋକଙ୍କଠାରୁ ସେ ୨ ଲକ୍ଷ ଧାର ଆଣିଥିଲେ। ମାତ୍ର କିଛିବର୍ଷ ପରେ ଟଙ୍କା ନ ଫେରାଇବା ସହ କାହାକୁ କିଛି ନ କହି ଘର ଛାଡ଼ି ପଳାଇଥିଲେ। ପରବର୍ତ୍ତୀ ସମୟରେ ପ୍ରଫୁଲ୍ଲ ପ୍ରଥମ ସ୍ତ୍ରୀଙ୍କ ସହ ଛାଡ଼ପତ୍ର ହୋଇଯାଇଥିବା ମିଛରେ କହି ଆଉ ଜଣେ ମହିଳାଙ୍କୁ ବିବାହ କରିଥିଲେ। ଏହି କଥା ୨୦୧୫ରେ ପ୍ରଥମ ସ୍ତ୍ରୀ ଜାଣିବା ପରେ ନ୍ୟାୟ ପାଇ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏ ନେଇ ପୋଲିସ ନଂ. ୧୭୧/୧୫ରେ ମାମଲା ରୁଜୁ କରି ତଦନ୍ତ କରୁଥିଲା। ବିଶେଷ ସୂତ୍ରରୁ ଖବର ପାଇ ବଡ଼ଗଡ଼ ଥାନା ପୋଲିସ ଗୁରୁବାର ରାତିରେ ଏୟାରପୋର୍ଟ ଥାନା ଅନ୍ତର୍ଗତ କାର୍ଗିଲ ବସ୍ତିରେ ଚଢ଼ାଉ କରି ଅଭିଯୁକ୍ତ ପ୍ରଫୁଲ୍ଲଙ୍କ ଗିରଫ କରିବା ସହ ପଚରାଉଚରା ପରେ ଶୁକ୍ରବାର କୋର୍ଟ ଚାଲାଣ କରିଥିଲା।

## ସବ୍‌ରେଜିଷ୍ଟ୍ରାର, ବିଲ୍ଡରଙ୍କ ନାଁରେ ମାମଲା

ଭୁବନେଶ୍ୱର,୯।୪(ବ୍ୟୁରୋ)

ଜମି ଜାଲିଆତି ମାମଲାରେ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଦୁଇଜଣ ସବ୍‌ରେଜିଷ୍ଟ୍ରାର୍, ବିଲ୍ଡରଙ୍କ ସମେତ ୬ଜଣଙ୍କ ନାଁରେ ଜଟଣୀ ପୋଲିସ ମାମଲା (ନଂ. ୧୫୫/୨୧) ରୁଜୁ କରିଛି। ଅଭିଯୁକ୍ତଙ୍କ ନାଁରେ ଦଫା ୪୨୦, ୪୬୫, ୪୬୬,୪୬୭, ୪୬୮,୧୬୬,୧୬୭, ୧୮୮, ୨୧୭, ୨୧୮, ୨୯୪, ୩୨୩, ୫୦୬ ଓ ୩୪ ଲାଗିଛି। ସୂଚନା ଅନୁଯାୟୀ, ପାରିବାରିକ ବିବାଦକୁ ନେଇ ଜଟଣୀ ରାଜାବଜାର ଅଞ୍ଚଳର ରବୀନ୍ଦ୍ର କୁମାର ବଳିଆରସିଂହ ଓ ତାଙ୍କ ପୁଅ ସରୋଜ ଅଲଗା ହୋଇଯାଇଥିଲେ। ରବୀନ୍ଦ୍ର ଅନ୍ୟଜଣେ ପୁଅ ମନୋଜଙ୍କ ପାଖରେ ରହିବା ସହ ନିଜ ନାମରେ ଥିବା ଜମି ବିକ୍ରି କରିବାକୁ ଯୋଜନା କରିଥିଲେ। ଏହା ଜାଣିବା ପରେ ସରୋଜ ୨୦୧୯ରେ ପୈତୃକ ସମ୍ପତ୍ତିରୁ ଭାଗ ପାଇବା ଲାଗି ଭୁବନେଶ୍ୱର ସିଭିଲ୍ ଜଜ୍ (ସିନିଅର ଡିଭିଜନ)ଙ୍କ ନିକଟରେ ଆବେଦନ କରିଥିଲେ। କୋର୍ଟ ଏହାର ବିଚାର କରି ଜମିବାଡି ବିକ୍ରି ଉପରେ ରହିତାଦେଶ ଜାରି କରିଥିଲେ। ମାତ୍ର ଅଦାଲତଙ୍କ ଏହି ନିର୍ଦ୍ଦେଶନାମାକୁ ଉଲ୍ଲଂଘନ କରାଯାଇ ଜଟଣୀ ଖୋଲାଦ୍ୱାର ମୌଜାରେ ଥିବା ଉକ୍ତ ୦.୫୩୯ ଡିସିମିଲ ଜମିକୁ ଜଣେ ବିଲଡରଙ୍କୁ ବିକ୍ରି କରାଯାଇଥିଲା। ଦୁଇଜଣ ସବ୍‌ରେଜିଷ୍ଟ୍ରାର ଏଥିରେ ସହଯୋଗ କରିବା ସହ ଧମକଚମକ ଦେଉଥିବା ନେଇ ସରୋଜ କୋର୍ଟରେ ଅଭିଯୋଗ କରିଥିଲେ।

## ଶିକ୍ଷକ ଶିକ୍ଷା ବ୍ୟବସ୍ଥାରେ କେନ୍ଦ୍ରବିନ୍ଦୁ ହେବା ଆବଶ୍ୟକ

ଭୁବନେଶ୍ୱର, ୯।୪ (ବ୍ୟୁରୋ)

ବିର୍ଲା ଗ୍ଲୋବାଲ ୟୁନିଭରସିଟି, ଭୁବନେଶ୍ୱର ଓ ଆସୋସିଏଶନ ଅଫ୍ ଇଣ୍ଡିଆନ୍ ୟୁନିଭର୍ସିଟି (ଏଆଇୟୁ), ନୂଆଦିଲ୍ଲୀ ପକ୍ଷରୁ 'ଇଣ୍ଟରନାଲ କ୍ୱାଲିଟି ଆସ୍ୟୁରାନ୍ସ ଇନ୍ ହାୟର ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଶନ ଇନ୍ ଦ କଣ୍ଟେକ୍ସଟ ଅଫ୍ ନ୍ୟାଶନାଲ ଏଜୁକେଶନ ପଲିସି' ସମ୍ପର୍କିତ ୱେବିନାର ଅନୁଷ୍ଠିତ ହୋଇଯାଇଛି। ଏଆଇୟୁର ସେକ୍ରେଟାରି ଜେନେରାଲ ଡ. ପଙ୍କଜ ମିତ୍ତଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜାତୀୟ ଶିକ୍ଷାନୀତି ଉପରେ ଗୁରୁତ୍ୱାରୋପ କରିଥିଲେ। ଭାରତରେ ଶିକ୍ଷକ ଶିକ୍ଷା ବ୍ୟବସ୍ଥାରେ ମୌଳିକ ସଂସ୍କାରର କେନ୍ଦ୍ରବିନ୍ଦୁ ହେବା ଆବଶ୍ୟକ ବୋଲି ସେ କହିଥିଲେ। ଏଥିସହ ସମସ୍ତ ଜ୍ଞାନର ଏକତା ଓ ଅକ୍ଷୁଣ୍ଣତା ନିଶ୍ଚିତ କରିବାକୁ ବିଜ୍ଞାନ, ସାମାଜିକ ବିଜ୍ଞାନ, କଳା, ହ୍ୟୁମାନିଟିସ, ଓ କ୍ରୀଡ଼ା ଶିକ୍ଷା କ୍ଷେତ୍ରରେ ବହୁମୁଖୀ ତଥା ସାମଗ୍ରିକ ଆଭିମୁଖ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଏନ୍‌ଏଏସି (ନାକ୍)ର ଉପଦେଷ୍ଟା ଡ. ଗଣେଶ ଏ.ହେଗ୍‌ଡେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୁଣାତ୍ମକ ଶିକ୍ଷାର ପ୍ରସାର ସୁନିଶ୍ଚିତ କରିବା ପାଇଁ ବିଶ୍ୱବିଦ୍ୟାଳୟଗୁଡିକର ସ୍ୱୀକୃତିର ପ୍ରାସଙ୍ଗିକତା ବିଷୟରେ କହିଥିଲେ। ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ନିଶ୍ଚିତ ଭାବରେ ଏକ ଆଭ୍ୟନ୍ତରୀଣ ଗୁଣାତ୍ମକ ଭିତ୍ତିକ ସେଲ୍ ଗଠନ କରିବା ସହ ସ୍ୱଚ୍ଛତା ବଜାୟ ରଖିବା ଉଚିତ ବୋଲି ସେ ମତ ଦେଇଥିଲେ। ବିଜିୟୁ କୁଳପତି ପ୍ରଫେସର ଡ. ପି.ପି. ମାଥୁର ଶ୍ରେଣୀଗୃହରେ ଶିକ୍ଷକଙ୍କ ଅନୁସନ୍ଧାନ ଫଳାଫଳ ଓ ସମନ୍ୱିତ ଶିକ୍ଷା ଏକ ଇକୋସିଷ୍ଟମ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ରେଜିଷ୍ଟ୍ରାର ଡ. ବିକେ ଦାସ ଶିକ୍ଷା ନୀତି ସମ୍ପର୍କରେ କହିଥିବାବେଳେ ଡ. ଅଜିତାଭ ଦାଶ, ଡ. ଅର୍ଚ୍ଚନା ଚୌଧୁରୀ, ଜ୍ଞାନ ରଞ୍ଜନ ମିଶ୍ର ପ୍ରମୁଖ ୱେବିନାର ପରିଚାଳନା କରିଥିଲେ। ପ୍ରଫେସର ପୁଣ୍ୟଶ୍ଳୋକ ଦାଶ ଧନ୍ୟବାଦ ଦେଇଥିଲେ।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଅରୁନ୍ଧତୀ



@ ଦୀପ୍ତିରଞ୍ଜନ



@ ଅନୁରାଧା



@ ଜୟପ୍ରକାଶ



@ ସରୋଜ



@ ପରେଶ



@ ଜିତେନ୍ଦ୍ର

## ଭୁବନେଶ୍ୱର ବାର୍‌ର ୧୦୫ ଓକିଲଙ୍କୁ କରୋନା ଟିକା

ଭୁବନେଶ୍ୱର,୯।୪(ବ୍ୟୁରୋ)

ଭୁବନେଶ୍ୱର ବାର୍ ଆସୋସିଏଶନର ୧୦୫ଜଣ ଓକିଲଙ୍କୁ କରୋନା ଟିକା ଦିଆଯାଇଛି। ବିଜେବିନଗର ସ୍ୱାସ୍ଥ୍ୟ କେନ୍ଦ୍ରରେ ୪୫ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଓକିଲମାନେ ଟିକା ନେଇଥିଲେ। ପ୍ରଥମେ ସଂଘ ସଭାପତି ନିର୍ମଳ କିଶୋର ରଥ ଓ ସମ୍ପାଦକ ରାଜକିଶୋର ଦାସ ଟିକା ନେବାପରେ ଅନ୍ୟ ସଦସ୍ୟମାନଙ୍କୁ ସୁଯୋଗ ମିଳିଥିଲା। ଶନିବାର ଓ ରବିବାର ମଧ ସକାଳ ୮ଟାରୁ ୧୦ପର୍ଯ୍ୟନ୍ତ ଓକିଲଙ୍କୁ ଟିକା ଦିଆଯିବ। ଇତିମଧରେ ଟିକା ନେବାକୁ ସଂଘର ୪୦୦ଜଣ ସଦସ୍ୟ ପଞ୍ଜୀକରଣ କରିଥିବା ସଂଘ ସମ୍ପାଦକ ଦାସ ସୂଚନା ଦେଇଛନ୍ତି। କିଛିଦିନ ତଳେ ଓକିଲଙ୍କୁ କରୋନା ଟିକା ଦେବାପାଇଁ ସଂଘ ତରଫରୁ ମୁଖ୍ୟ ଜିଲା ସ୍ୱାସ୍ଥ୍ୟ ଅଧିକାରୀ(ସିଡିଏମଓ)ଙ୍କୁ ଅନୁରୋଧ କରାଯାଇଥିଲା।



ବିଜେବିନଗର ସ୍ୱାସ୍ଥ୍ୟ କେନ୍ଦ୍ରରେ ଟିକା ନେଇଥିବା ଓକିଲମାନେ।

**ବାଙ୍କୀ ଏନଏସିରୁ ଜଣେ ପଜିଟିଭ୍ ଚିହ୍ନଟ**

ବାଙ୍କୀ,(ବି.ପ୍ର.)-ବାଙ୍କୀ ମୁଖ୍ୟ ଚିକିତ୍ସାଳୟରେ ଶୁକ୍ରବାର ୨୫ ଜଣଙ୍କ ଆର୍‌ଟି-ପିସିଆର୍ ଏବଂ ୨୮ ଜଣଙ୍କ ଆଣ୍ଟିଜେନ ପରୀକ୍ଷା କରାଯାଇଛି। ଆଣ୍ଟିଜେନ ପରୀକ୍ଷା ମଧ୍ୟରୁ ବାଙ୍କୀ ଏନ୍ଏସି ଅଞ୍ଚଳର ଜଣେ ମହିଳା ପଜିଟିଭ୍ ଚିହ୍ନଟ ହୋଇଛନ୍ତି ବୋଲି ଅଧୀକ୍ଷକ ମୃତ୍ୟୁଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି। ସେହିପରି ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ବ୍ରହ୍ମପୁରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୯ ଜଣଙ୍କ ଆରଟି-ପିସିଆର୍ ଏବଂ ୩୬ଜଣଙ୍କର ଆଣ୍ଟିଜେନ ପରୀକ୍ଷା କରାଯାଇଛି। ଏହି ୨ କେନ୍ଦ୍ରରେ ମୋଟ ୧୦୮ଜଣଙ୍କ କରୋନା ପରୀକ୍ଷା କରାଯାଇଥିବା ସୂଚନା ମିଳିଛି।

## ଆଜି କ'ଣ କେଉଁଠି

**କଟକ**

- ମହାନଦୀ ବଞ୍ଚାଅ ଅନ୍ଦୋଳନ ପକ୍ଷରୁ ଜଳସତ୍ୟାଗ୍ରହ, କାଳୀ ମନ୍ଦିର ଯୋବ୍ରା, ପୂର୍ବାହ୍ନ ୯.୩୦ ।

## ଟଙ୍କା ଲୁଟ୍: ଯୁବକ ଗିରଫ

**ଫୁଲନଖରା,୯।୪(ଡି.ଏନ.ଏ.):** ଟଙ୍କା ଲୁଟ୍ ଅଭିଯୋଗରେ କଟକ ସଦର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ ବାଲିଅନ୍ତା ଥାନା ଅନ୍ତର୍ଗତ ତିରଣପଦା ଗ୍ରାମର ପିଣ୍ଟୁ ଦାଶ। ଅଭିଯୋଗ ଅନୁଯାୟୀ, କଟକ ସଦର ଥାନା ଅନ୍ତର୍ଗତ କାଜିପାଟଣା ଗ୍ରାମର ସତ୍ୟଶ୍ରୀ ନାୟକ ନାମକ ଜଣେ ବିଲଡରଙ୍କୁ ପିଣ୍ଟୁ ୧ ଲକ୍ଷ ଟଙ୍କା ଦାଦାବଟି ମାଗିଥିଲେ। ସେ ଟଙ୍କା ଦେବାକୁ ମନା କରିବାରୁ ପିଣ୍ଟୁ ତାଙ୍କଠାରୁ ଜୋର୍‌ଜବରଦସ୍ତ ୫ ହଜାର ଟଙ୍କା ଲୁଟି ନେଇଥିଲେ। ଏ ନେଇ ସେ ଗତ ୫ ତାରିଖରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୦୬/୨୧) ରୁଜୁ କରିଥିଲା। ପିଣ୍ଟୁ ବାଲିଅନ୍ତା ଓ କଟକ ସଦର ଥାନା ଅଞ୍ଚଳରେ ବହୁ ଲୁଟ୍ ଘଟଣାରେ ସମ୍ପୃକ୍ତ ଥିବା ପୋଲିସ ଜାଣିବାକୁ ପାଇଛି।

## ଚୋରଙ୍କୁ ସହାୟତା କରି ହୋମଗାର୍ଡ ଗିରଫ

**ନରସିଂହପୁର,୯।୪ (ସ୍ୱ.ପ୍ର.) :**ଚୋରଙ୍କୁ ସହାୟତା କରୁଥିବା ଅଭିଯୋଗରେ ନରସିଂହପୁର ଥାନାରେ କାର୍ଯ୍ୟରତ ଜଣେ ହୋମଗାର୍ଡଙ୍କୁ ଏପିଲ ୧ରେ ଗ୍ରାମାଞ୍ଚଳ ଏସ୍‌ପି କାର୍ଯ୍ୟରୁ ବହିଷ୍କୃତ କରିଥିଲେ। ଶୁକ୍ରବାର ସମ୍ପୃକ୍ତ ହୋମଗାର୍ଡଙ୍କୁ ଗିରଫ କରି ଜେଲ ହାଜତକୁ ପଠାଇ ଦିଆଯାଇଛି। ସେ ହେଲେ ସନାତନ ରଣା। ନରସିଂହପୁରରେ ବିଭିନ୍ନ ଚୋରି ଓ ଡକାୟତି ଘଟଣାରେ ସମ୍ପୃକ୍ତ ଥିବା ଏକ ର୍‍ୟାକେଟକୁ କାନପୁର ପୋଲିସ ଧରିବା ପରେ ସେମାନଙ୍କ ସହ ରଣାଙ୍କ ସମ୍ପର୍କ ଥିବା ଜଣାପଡ଼ିଥିଲା। ରଣା ସେମାନଙ୍କ ଠାରୁ ଅର୍ଥ ନେଇ ପୋଲିସର ଗତିବିଧି ସମ୍ପର୍କରେ ସୂଚନା ଦେଉଥିଲେ ବୋଲି ଆଠଗଡ ଏସ୍‌ଡିପିଓ ଆଲୋକ ରଞ୍ଜନ ରାୟ କହିଛନ୍ତି।

## ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ

**ନିଶ୍ଚିନ୍ତକୋଇଲି,୯।୪(ସ୍ୱ.ପ୍ର.):** ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରତିବାଦରେ ନିଶ୍ଚିନ୍ତକୋଇଲି ବ୍ଲକ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଜୋନାଲ କମିଟି ତରଫରୁ ସ୍ଥାନୀୟ ବିଦ୍ୟୁତ ଉପଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ପ୍ରତିବାଦ ସଭା କରାଯାଇଥିଲା। ସିପିଆଇ ଓଡ଼ିଶା ରାଜ୍ୟ ପରିଷଦ ସଭ୍ୟ କମ୍ରେଡ୍ ତ୍ରୈଲୋକ୍ୟନାଥଙ୍କ ନେତୃତ୍ୱରେ ଶତାଧିକ କର୍ମୀ ନିଶ୍ଚିନ୍ତକୋଇଲି ଅହମ୍ମଦ ବକ୍ସ ହାଇସ୍କୁଲ ପଡ଼ିଆରୁ ଶୋଭାଯାତ୍ରାରେ ବାହାରି ନିଶ୍ଚିନ୍ତକୋଇଲି ବଜାର ପରିକ୍ରମା କରି ବିଦ୍ୟୁତ୍ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏହି କାର୍ଯ୍ୟକ୍ରମରେ ସିପିଆଇ ଜିଲା ସହ ସମ୍ପାଦକ କମ୍ରେଡ ଉଦୟ କେଶରୀ ବର୍ମା, ଆଞ୍ଚଳିକ ଜୋନ ସମ୍ପାଦକ କମ୍ରେଡ କସ୍ତୁରୀ ଚରଣ ପାତ୍ର, ଜିଲା ସମ୍ପାଦକ ଅମରେନ୍ଦୁ ମହାନ୍ତି, କମ୍ରେଡ ଆଦିକନ୍ଦ ମଲିକ, ମାହାଙ୍ଗା ଜୋନ ସମ୍ପାଦକ ସନାତନ ମଲିକ ଓ ଶାଖା ସମ୍ପାଦକ କମ୍ରେଡ ହିମାଂଶୁ ଶେଖର ଭୂୟାଁ ପ୍ରମୁଖ ସାମିଲ ହୋଇଥିଲେ।

## ୧୫ଦଫା ଦାବିରେ ଅବସରପ୍ରାପ୍ତ କର୍ମଚାରୀଙ୍କ ବିକ୍ଷୋଭ

**କଣ୍ଟାପଡ଼ା,୯।୪(ଡି.ଏନ୍.ଏ.):** ଅବସରପ୍ରାପ୍ତ କର୍ମଚାରୀ ତଥା ବରିଷ୍ଠ ନାଗରିକମାନଙ୍କ ମହଙ୍ଗା ଓ ଚିକିତ୍ସା ଭତ୍ତା ଆଦି ୧୫ ଦଫା ଦାବି ନେଇ ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘ ପକ୍ଷରୁ କଣ୍ଟାପଡ଼ା ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଅବସରପ୍ରାପ୍ତ କର୍ମଚାରୀ ଲିଙ୍ଗରାଜ ମହାନ୍ତିଙ୍କ ନେତୃତ୍ୱରେ ମହାସଂଘର କାର୍ଯ୍ୟକାରୀ ଅଧକ୍ଷ ନିର୍ମଳ ଦାସ, ଯୁଗ୍ମ ସମ୍ପାଦକ ସୁଦର୍ଶନ ପ୍ରଧାନ, ସୁବାସ ରାୟ ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ କର୍ମଚାରୀଙ୍କୁ ରାଜ୍ୟ ସରକାର ଅବହେଳା ନ କରି ସେମାନଙ୍କ ପ୍ରତି ଦୃଷ୍ଟି ଦେବାକୁ କହିଥିଲେ। ସର୍ବନିମ୍ନ ଚିକିତ୍ସା ଭତ୍ତା ୧୫୦୦ ଟଙ୍କା ପ୍ରଦାନ ସମେତ ୧୫ ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଣ୍ଟାପଡ଼ା ବିଡିଓଙ୍କୁ ପ୍ରଦାନ କରାଯାଇଥିଲା। ବିକ୍ଷୋଭରେ ସ୍ଥାନୀୟ ଅଞ୍ଚଳର ଅବସରପ୍ରାପ୍ତ କର୍ମଚାରୀ ପଦ୍ମନାଭ ମହାନ୍ତି, ଧୀରେନ୍ଦ୍ର ଦାଶ, ନିର୍ମଳ ମହାନ୍ତି, ବାମଦେବ ବେହେରା, ଭ୍ରମରବର ପ୍ରଧାନ, ଗୋଲେଖ ରଥ, ନିରଞ୍ଜନ ମହାପାତ୍ର, ବ୍ରଜ ପ୍ରଧାନ, ଯଶୋଦା ସାହୁ, କୁନା ସାହୁ ପ୍ରମୁଖ ସାମିଲ ହୋଇଥିଲେ।

# ନାଳକୁ ବହିଯାଉଛି ପିଇବା ପାଣି

**କଟକ ଅଫିସ,୯।୪**





ଜଳ ହିଁ ଜୀବନ। କେଉଁଠି ଲୋକେ ପାଣି ଟୋପାଏ ପାଇଁ ଡହଳ ବିକଳ ହେଉଛନ୍ତି ତ ଆଉ କେଉଁଠି ପାନୀୟଜଳ ଅପଚୟ ହେଉଛି। କଟକ ସହରର ବିଭିନ୍ନ ସ୍ଥାନରେ ଜଳ ଅପଚୟ ହେଉଥିବା ଦେଖିବାକୁ ମିଳିଛି। ତୁରନ୍ତ ଏହାକୁ ରୋକା ନ ଗଲେ ଆଗାମୀ ଦିନରେ ଉତ୍କଟ ଜଳ ସମସ୍ୟାର ସମ୍ମୁଖୀନ ହେବେ ସହରବାସୀ।

କଟକ ସହରର ଲୋକସଂଖ୍ୟା ସାଢେ ୬ ଲକ୍ଷ। ଏଠାରେ ପ୍ରତ୍ୟେକ ଦିନ ୯୨.୮୫ ମିଲିୟନ ଲିଟର ପାନୀୟଜଳର ଆବଶ୍ୟକତା ରହିଛି। ହେଲେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କଟକକୁ ଦୈନିକ ୧୦୭.୭ ମିଲିୟନ ଲିଟର ପାନୀୟଜଳ ଯୋଗାଇ ଦିଆଯାଉଛି। ଆବଶ୍ୟକତାରୁ ଅଧିକ ଜଳ ଯୋଗା ଯାଉଥିଲେ ମଧ ସେଥିମଧ୍ୟରୁ ୩୦ରୁ ୪୦ ପ୍ରତିଶତ ପ୍ରତ୍ୟେକ ଦିନ ନଷ୍ଟ ହେଉଛି। ସହରର ବିଭିନ୍ନ ସ୍ଥାନରେ ଥିବା ୧୯୫ଟି ବୋରିଂରୁ ପାଣି ସଂଗ୍ରହ କରାଯାଇଥାଏ। ସହରାଞ୍ଚଳର ୭୮ ହଜାର ପାନୀୟଜଳ ଉପଭୋକ୍ତାଙ୍କ ପାଇଁ ଗଳିକନ୍ଦିରେ ପ୍ରାୟ ୩ ହଜାର ଷ୍ଟାଣ୍ଡପୋଷ୍ଟ ରହିଛି। ହେଲେ ଅଧିକାଂଶ ସ୍ଥାନରେ ପାଇପ୍ ଲାଇନ୍ ଲିକେଜ, ପାଣିଟାଙ୍କିରୁ

- ଦୈନିକ ଯୋଗାଯାଉଛି ୧୦୭.୭ ମିଲିୟନ ଲିଟର ପାନୀୟଜଳ
- ନଷ୍ଟ ହେଉଛି ୩୦ରୁ ୪୦ ପ୍ରତିଶତ ଜଳ

ଓଭର ଫ୍ଲୋ, ପାଣିଟ୍ୟାପ୍ ଅନେକ ସମୟରେ ଖୋଲା ରହୁଥିବାରୁ ବହୁ ପରିମାଣର ଜଳ ନଷ୍ଟ ହେଉଛି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦିଆଗଲେ ଆଗାମୀ ଦିନରେ ଜଳ ଅପଚୟକୁ ରୋକାଯାଇପାରିବ।

ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁଶାନ୍ତ ଘଡେଇ କହିଛନ୍ତି, ପାଇପ ଲାଇନ୍ ଲିକ୍ ଓ ବିଭିନ୍ନ ପାଣିଟ୍ୟାପ ମୁକୁଳା ପଡିଥିବାରୁ ପ୍ରତିଦିନ ବହୁ ଲକ୍ଷ ଲିଟର ଜଳ ଅପଚୟ ହେଉଛି। ସାଧାରଣ ଲୋକ, ବ୍ୟବସାୟୀ, ଆପାର୍ଟମେଣ୍ଟ, କଳକାରଖାନା ଆଦି ଉପରେ ବହୁ କୋଟି ଟଙ୍କାର ପାଣି ଟିକସ ବାକି ପଡିଛି। ଟଙ୍କା ଦେବା ପାଇଁ ଲୋକଙ୍କୁ କୁହାଯାଉଛି। ବକେୟା ଟଙ୍କା ନ ଦେଲେ ଜଳଯୋଗାଣ ବନ୍ଦ ପାଇଁ ତାଗିଦ୍ କରାଯାଉଛି। ପାଣି ଟିକସ ବାବଦରେ ଏବେସୁଦ୍ଧା ୧୬ କୋଟି ୮୫ ଲକ୍ଷ ଟଙ୍କା ବାକି ରହିଛି। ଅନ୍ୟପକ୍ଷରେ ଭୂତଳ ପାଣିରେ ଆଇରନ ମାତ୍ରା ଅଧିକ ଥିବାରୁ ଗୋଳିପାଣି ଆସୁଛି। ଖୁବଶୀଘ୍ର ଏହାର ସମାଧାନ କରାଯିବ। ନଦୀଜଳକୁ ବିଶୋଧନ କରି ଲୋକଙ୍କୁ ପାନିୟଜଳ ଯୋଗାଯିବ। ଜଗତ୍‌ପୁର, ସିଡିଏ ସେକ୍ଟର-୬ ଏବଂ ପ୍ରତାପନଗରୀ ପ୍ଲାଣ୍ଟରେ ଏହିପ୍ରକଳ୍ପ ଉପରେ କାମ ଚାଲିଛି। ଏହା କାର୍ଯ୍ୟକ୍ଷମ ହେଲେ ସହରବାସୀ ଭଲ ପାଣି ପାଇପାରିବେ ବୋଲି ଘଡେଇ ସୂଚନା ଦେଇଛନ୍ତି।

# ପାନୀୟ ଜଳ ସମସ୍ୟା, ମାଙ୍କଡ଼ କାମୁଡ଼ା ପ୍ରତିବାଦରେ ରାସ୍ତାରୋକୋ

**ବାଙ୍କୀ,୯।୪(ସ୍ୱ.ପ୍ର.)**

ଡମପଡ଼ା ବ୍ଲକ ଅନ୍ତର୍ଗତ ଗୋପାଳପୁର ପଞ୍ଚାୟତରେ ଦୀର୍ଘ ଦିନ ଧରି ପାନୀୟ ଜଳ ସମସ୍ୟା ଲାଗି ରହିଛି। ଏନେଇ ପଞ୍ଚାୟତବାସୀ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି। ମାତ୍ର କୌଣସି ସୁଫଳ ମିଳୁନାହିଁ। ଏଥିସହ ଅଞ୍ଚଳରେ ମାଙ୍କଡ଼ମାନଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି। ଏହାର ପ୍ରତିବାଦ କରି ସ୍ଥାନୀୟ ଲୋକେ ବାଙ୍କୀ-ଖୋର୍ଦ୍ଧା ମୁଖ୍ୟ ରାସ୍ତାର ହରିହର ଭେଟଠାରେ ରାସ୍ତାରୋକୋ କରି ପ୍ରତିବାଦ କରିଥିଲେ। ମାଙ୍କଡ଼ କାମୁଡ଼ାରେ ୨୭ଜଣ ଆକ୍ରାନ୍ତ ହୋଇଛନ୍ତି ବୋଲି ସେମାନେ ଅଭିଯୋଗ କରିଥିଲେ। ଉପଜିଲାପାଳ ରଞ୍ଜନ କୁମାର ଜେନାଙ୍କ ନିର୍ଦ୍ଦେଶକ୍ରମେ ବାଙ୍କୀ ତହସିଲଦାର ସତ୍ୟରଞ୍ଜନ ପଣ୍ଡା ଧାରଣାସ୍ଥଳକୁ ଯାଇ ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ। ଗ୍ରାମୀଣ ପାନୀୟ ଜଳ ବିଭାଗ କନିଷ୍ଠ ଯନ୍ତ୍ରୀ ଶ୍ରୁତି ପ୍ରଧାନ ପହଞ୍ଚି ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଖୁବ୍‌ଶୀଘ୍ର ପାନୀୟ ଜଳ ସମସ୍ୟା ଦୂର କରାଯିବ ବୋଲି କହିଥିଲେ। ବନବିଭାଗ ଅତିରିକ୍ତ ରେଞ୍ଜ ଅଫିସର ଶରତ କୁମାର ଜେନା, ବାଙ୍କୀ ବନପାଳ ଚିତ୍ତରଞ୍ଜନ ମିଶ୍ର ଓ ବୈଦେଶ୍ୱର ବନପାଳ ପହଞ୍ଚି ମାଙ୍କଡ଼ ଧରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାଙ୍କଡ଼ କାମୁଡ଼ାରେ ଆହତମାନଙ୍କ ଚିକିତ୍ସା ନିମନ୍ତେ ସହାୟତା ରାଶି ଯୋଗାଇ ଦିଆଯିବ ବୋଲି କହିଥିଲେ। ଏହାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# ଲୋକଙ୍କୁ ମାସ୍କ ବାଣ୍ଟି ସଚେତନ କଲେ

**କଟକ ଅଫିସ, ୯।୪**

ସହରରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସହରବାସୀଙ୍କୁ ସଚେତନ କରାଯାଇଛି। କଟକ ମହାନଗର ନିଗମ (ସିଏମ୍‌ସି), କମିଶନରେଟ୍ ପୋଲିସ ଓ ସିଡ଼ିଏ କର୍ତ୍ତୃପକ୍ଷଙ୍କ ସହଯୋଗରେ ଶୁକ୍ରବାର ପୂର୍ବାହ୍ନରେ ବେଲ୍‌ଭ୍ୟୁ ଛକଠାରେ ସହରବାସୀଙ୍କୁ କରୋନା ଭୟାବହତା ସମ୍ପର୍କରେ ସଚେତନ କରାଯିବା ସହ ନିୟମ ଉଲ୍ଲଂଘନକାରୀଙ୍କଠାରୁ ୩୩୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ବିଭିନ୍ନ ଲୋକଙ୍କୁ ମାସ୍କ ବଣ୍ଟନ କରାଯିବା ସହ ସାମାଜିକ ଦୂରତା ରକ୍ଷା କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସନ୍ଧ୍ୟାରେ ଯୋବ୍ରାଛକ ନିକଟରେ ଲୋକମାନଙ୍କୁ ସଚେତନ କରାଯାଇଥିଲା। ଅନ୍ୟପକ୍ଷରେ ମାସ୍କ ପିନ୍ଧି ନ ଥିବା ଓ ସାମାଜିକ ଦୂରତା ମାନି ନ ଥିବା



ବେଲ୍‌ଭ୍ୟୁ ଛକଠାରେ ସ୍କୁଟି ଚାଳକଙ୍କୁ ସଚେତନ କରାଯାଉଛି।

- ଅମାନିଆଙ୍କଠାରୁ ଜରିମାନା ଆଦାୟ

ବ୍ୟକ୍ତିଙ୍କଠାରୁ ମାଲଗୋଦାମ ପୋଲିସ ୩୮୦୦ ଟଙ୍କା ଜରିମାନା ଆଦାୟ କରିଥିଲା। ଏହି କାର୍ଯ୍ୟକ୍ରମରେ ସିଏମ୍‌ସି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାର୍ଡ, ସିଡ଼ିଏ କର୍ମଚାରୀ, ଲାଲବାଗ, ମର୍କତନଗର ଓ ମାଲଗୋଦାମ ଥାନା ଅଧିକାରୀ ସାମିଲ ହୋଇଥିଲେ।



ସ୍ଥାୟୀ ନିଯୁକ୍ତି, ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ସହ ଚାକିରିର ସମସ୍ତ ସର୍ତ୍ତାବଳି ଲାଗୁ ଦାବିରେ ପାୱାର ଡିଷ୍ଟ୍ରିବ୍ୟୁଶନ ଫ୍ରାଞ୍ଚାଇଜ୍ ଏମ୍ପ୍ଲଇଜ୍ ଆସୋସିଏଶନ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ଇଡ୍‌କୋ ଟାୱାରସ୍ଥିତ ଟାଟା ପାୱାର ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

# ୧୫ ଦିନ ଭିତରେ କାର୍ଯ୍ୟାନୁଷ୍ଠାନ ଦାବି

**ନରସିଂହପୁର, ୯।୪ (ସ୍ୱ.ପ୍ର.)**

ସରକାରୀ ଜମି ଦଖଲ ଅଭିଯୋଗରେ ବଡ଼ମ୍ବା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ରଙ୍କ ବିରୋଧରେ ରୁଜୁ ହୋଇଥିବା ଜନସ୍ୱାର୍ଥ ମାମଲାରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି କପି ମିଳିବା ପରେ ଭାଜପା ପକ୍ଷରୁ ୧୦୪ ଦିନ ଧରି ଚାଲିଥିବା ଗଣଧାରଣା ଶୁକ୍ରବାର ପ୍ରତ୍ୟାହୃତ ହୋଇଛି। ଏଥିସହ ୧୫ ଦିନ ଭିତରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି। ଭାଜପାର ଅଭିଯୋଗ ଅନୁଯାୟୀ, ବିଧାୟକ ଦେବୀ ପ୍ରସାଦ ମିଶ୍ର ନରସିଂହପୁର ତହସିଲ ଅନ୍ତର୍ଗତ ଦମକଟା ମୌଜାରେ ଥିବା ଏକ ସରକାରୀ

- ବିଧାୟକ ଦେବୀ ମିଶ୍ରଙ୍କ ବିରୋଧରେ ସରକାରୀ ଜମି ଦଖଲ ମାମଲା
- ୧୦୪ ଦିନ ତହସିଲ କାର୍ଯ୍ୟାଳୟରେ ଦିଆଯାଇଥିଲା ଧାରଣା

ଜମିରେ ବେଆଇନ ଭାବେ ୨ ମହଲା କୋଠାଘର କରିବା ସହ ପାଚେରି ନିର୍ମାଣ କରି ନିଜ ଦଖଲରେ ରଖିଛନ୍ତି। ଉକ୍ତ ଜମିରୁ ଜବରଦଖଲ ଉଚ୍ଛେଦ ଦାବି କରି ନରସିଂହପୁର ଭାଜପା ପକ୍ଷରୁ ୨୮ ଡିସେମ୍ବର ୨୦୨୦ରୁ ନରସିଂହପୁର ତହସିଲ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଥିଲା। ଏଥିସହ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ନଂ. ଡବ୍ଲ୍ୟୁପିସି ୧୦୪୭୯) ରୁଜୁ କରାଯାଇଥିଲା। ୩୧ ମାର୍ଚ୍ଚ ୨୦୨୧ରେ ହାଇକୋର୍ଟ ଏହି ମାମଲାର ଶୁଣାଣି କରି ଜବରଦଖଲ ଚିହ୍ନଟ କରିବା ସହ ମାପ କରିବା ପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନକଲ ହସ୍ତଗତ ହେବା ପରେ ଭାଜପା ପକ୍ଷରୁ ଆନ୍ଦୋଳନ ପ୍ରତ୍ୟାହୃତ କରାଯାଇଛି। ଏଥିସହ ଭାଜପା ନେତା ବିଜୟ କୁମାର ଦଳ ବେହେରାଙ୍କ ନେତୃତ୍ୱରେ ବହୁ କର୍ମୀ ତହସିଲଦାରଙ୍କ କାର୍ଯ୍ୟାଳୟକୁ ଯାଇ ହାଇକୋର୍ଟଙ୍କ ଅର୍ଡର ପ୍ରଦାନ କରିଛନ୍ତି। ୧୫ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ପୁନର୍ବାର ତହସିଲ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି।

# ଡିସିପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**କଟକ ଅଫିସ,୯।୪**

କଟକ ସହରରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି। ବିଶେଷକରି ସହରରେ ନିଶାଦ୍ରବ୍ୟ ଓ ବନ୍ଧୁକ କାରବାର ବେଧଡକ ଭାବେ ଚାଲିଥିବାବେଳେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ସେହିପରି ମର୍କତ ନଗରର ସୁରକ୍ଷା ଓ ସହରରେ ଆଇନଶୃଙ୍ଖଳା ବ୍ୟବସ୍ଥାରେ ସୁଧାର ଆଣିବା ନିମନ୍ତେ ଡିସିପି କାର୍ଯ୍ୟାଳୟ ସମ୍ମୁଖରେ କଟକ ନଗର କଂଗ୍ରେସ କମିଟି ପକ୍ଷରୁ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହାପରେ କମିଟି ପକ୍ଷରୁ ଡିସିପିଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଡିସିପିଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଉକ୍ତ

- ସହରରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ
- ଅସାମାଜିକଙ୍କ ଆଡାସ୍ଥଳୀ ପାଲଟିଛି ମର୍କତ ନଗର

ସ୍ମାରକପତ୍ରରେ ଦର୍ଶାଯାଇଛି, ମର୍କତ ନଗର ଏବେ ଚୋର, ଡକାୟତ ଓ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଦିନ ଦ୍ୱିପ୍ରହରରେ ଚୋରି, ଡକାୟତି, ଛିନ୍‌ତାଇ, ରାହାଜାନି ଓ ଲୋକଙ୍କୁ ଆକ୍ରମଣ ହେଉଛି। ବିଭିନ୍ନ ଅଞ୍ଚଳରେ ଅପରାଧ ଘଟାଇ ଅସାମାଜିକ ବ୍ୟକ୍ତିମାନେ ମର୍କତ ନଗର ଅଞ୍ଚଳକୁ ସେମାନଙ୍କର ଆଶ୍ରୟସ୍ଥଳ ଭାବେ ବାଛି ନେଇଛନ୍ତି। ସ୍ଥାନୀୟ ପୋଲିସର ନିଷ୍କ୍ରିୟତା ପାଇଁ ଏଭଳି ଘଟଣା ପ୍ରତିଦିନ ଘଟିଚାଲିଛି। ତୁରନ୍ତ ମର୍କତ ନଗର ଚତୁଃପାର୍ଶ୍ୱ ମୁଖ୍ୟ ରାସ୍ତା ପ୍ରବେଶ ପଥ ଓ ଜନଗହଳି ରାସ୍ତାଗୁଡିକରେ ସିସିଟିଭି କ୍ୟାମେରା ଲଗାଇ ଅପରାଧ ନିୟନ୍ତ୍ରଣ ପାଇଁ ପଦକ୍ଷେପ ନିଆଯାଉ। ନିୟମିତ ବ୍ୟବଧାନରେ ପୋଲିସ ପାଟ୍ରୋଲିଂ କରାଯାଉ ବୋଲି କଂଗ୍ରେସ ପକ୍ଷରୁ ଦାବି ହୋଇଛି। ନଗର କଂଗ୍ରେସ ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ ନିକୁଞ୍ଜ ପଶାୟତ, ବିଶ୍ୱଜିତ୍ ଦାସ, ତୃପ୍ତି ଦାସ, ମଜିଦ ଖାନ୍, ଅଶ୍ୱିନୀ ମହାରଣା, ବାସୁଦେବ ମିଶ୍ର ପ୍ରମୁଖ ସ୍ମାରକ ପତ୍ର ପ୍ରଦାନ କରିଥିଲେ।




ବିଭିନ୍ନ ଦାବି ନେଇ ହିନ୍ଦ ମଜଦୁର ସଭା କଟକ ଜିଲା ସମନ୍ୱୟ କମିଟି ପକ୍ଷରୁ ଶୁକ୍ରବାର କଟକ ନୂଆପଡାସ୍ଥିତ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।


ସେଣ୍ଟ୍ରଲ ମାଇନ ପ୍ଲାନିଂ ଏଣ୍ଡ ଡିଜାଇନ ଇନ୍‌ଷ୍ଟିଚ୍ୟୁଟ ଲିମିଟେଡ
CENTRAL MINE PLANNING & DESIGN INSTITUTE LIMITED
(A Subsidiary of Coal India Ltd.)
Gondwana Place, Kanke Road, Ranchi - 834031, Jharkhand, India

**NOTICE**

"Due to outburst of COVID-19, the written test for recruitment to the post of Jr. Sc. Asst. Gr.II in CMPDI scheduled to be held on 11.04.2021 has been postponed till further order."

ସେଣ୍ଟ୍ରଲ ମାଇନ ପ୍ଲାନିଂ ଏଣ୍ଡ ଡିଜାଇନ ଇନ୍‌ଷ୍ଟିଚ୍ୟୁଟ ଲିମିଟେଡ
CENTRAL MINE PLANNING & DESIGN INSTITUTE LIMITED
(A Subsidiary of Coal India Ltd.)
Gondwana Place, Kanke Road, Ranchi - 834031, Jharkhand, India

**NOTICE**

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in/** respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in.** In addition, procurement is also done through GeM portal **https://gem.gov.in**"

**ସର୍ବସାଧାରଣ ବିଜ୍ଞପ୍ତି**

**ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ୍‌ୱେଜ୍ ପ୍ରା. ଲିଃ**

ଏତଦ୍ୱାରା ସର୍ବସାଧାରଣଙ୍କୁ ଅଧିସୂଚିତ କରାଯାଉଛି ଯେ, ରାଜପତ୍ର ଅଧିସୂଚନା ସଂଖ୍ୟା ଏସ୍.ଓ.୨୪୨୧(ଇ) ଅନୁଯାୟୀ ଏନ୍ଏଚ୍-୧୬ର ଭୁବନେଶ୍ୱର-ଜଗତପୁର-ଚଣ୍ଡିଖୋଲ ସେକ୍ସନର କି.ମି.୪୧୩.୦୦୦ରୁ କି.ମି. ୪୧୮.୦୦୦ ଏବଂ କି.ମି. ୦୦.୦୦୦ରୁ କି.ମି.୬୨.୦୦୦ ଅଂଶ ନିମନ୍ତେ ନିର୍ମାଣ ଅବଧିରେ କି.ମି. ୩୪.୬୨୪ ଅର୍ଥାତ୍ ଓଡ଼ିଶା ରାଜ୍ୟରେ ମଙ୍ଗୁଳି ଟୋଲ୍ ପ୍ଲାଜା, ଗ୍ରାମ- ହରିଅନ୍ତା, ଜିଲ୍ଲା- କଟକଠାରେ ଟୋଲ୍ ସଂଗ୍ରହକୁ ଅଧିକୃତ କରାଯାଇଥିଲା ।

ଉକ୍ତ ଅଧିସୂଚନା ଛଅ ଲେନିଂ ପରେ କି.ମି. ୪୦.୫୦୦ଠାରେ ଟୋଲ୍ ସଂଗ୍ରହକୁ ମଧ ଅଧିକୃତ କରିଥାଏ । ତେଣୁ, ଉପରୋକ୍ତ ରାଜପତ୍ର ଅଧିସୂଚନା ଅନୁଯାୟୀ, **ତା୧୫।୦୪।୨୦୨୧ରିଖ ୦୦.୦୦ ଘଟିକାଠାରୁ** ମଙ୍ଗୁଳିସ୍ଥିତ କି.ମି. ୩୪.୬୨୪ ପରିବର୍ତ୍ତେ **କି.ମି. ୪୦.୫୦୦,** ଗ୍ରାମ- ବଦାଳୋ, ଟାଙ୍ଗୀ, ଜିଲ୍ଲା- କଟକଠାରେ ଟୋଲ୍ ସଂଗ୍ରହ କରାଯିବ ।

**OFFICE OF THE MUNICIPAL COUNCIL, SUNABEDA**

Letter No.1250 Date:8.4.21

**TENDER CALL NOTICE**

No.-C-60:- Sealed tenders are invited from intending Company Authorized Dealers to supply and fitting of playing equipments, fountain, outdoor GYM Equipment & topiary for fixing at different parks of Sunabeda Municipality.

The sealed tender should reach before the undersigned on or before 20.04.2021 by 1.00 P.M. and the same will be opened on the same day at 4.00 P.M. in presence of the tenderers or their authorized agents in the Office of Municipal Council, Sunabeda. The tender reached after due date will not be entertained.

i) The rate should be tendered including all taxes and delivery charges. The tenderers should submit the GST clearance certificate upto March-2021, Pan Card etc. along with the tender paper.
ii) The civil work will be inspected by the technical persons of the Municipality and all the equipments installation shall be under keen supervision of technical persons of Sunabeda Municipality.
iii) The required EMD of Rs.15,000/- (Rupees fifteen thousand only) & the cost of tender paper of Rs.2000/- (Rupees two thousand only) non refundable should be submit separately in shape of Demand Draft/Banker Cheques from any Nationalized Bank drawn in favour of the Executive Officer, Sunabeda Municipality, failing which the tender will be rejected. The tender paper shall be available from 09.04.2021 at 11.00 A.M. to 19.04.2021 at 5.00 P.M. in our office website i.e. www.sunabedamunicipality.in.
iv) The bill will be paid after certification of technical persons of the Municipality.
v) The undersigned reserves the rights to accept or reject any or all the tender without assigning any reason thereof.

Sd./- Executive Officer, Sunabeda Municipality
OIPR-13076/11/0001/2122

**ଏସ୍.ଇ. ରେଳପଥ - ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଆର୍‌ଏମ୍/ଇଏନ୍‌ଜିଜି/ସିକେପି, ଏସ୍.ଇ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। ଉକ୍ତ ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। **କ୍ର. ସଂ. ଓ ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; (୧) ସିକେପି-ୱେଷ୍ଟ-୨୧-୨୨-୦୧, ତାରିଖ: ୦୮।୦୪।୨୦୨୧;** ଏଡିଇଏନ୍/ରାଉରକେଲାଙ୍କ କ୍ଷେତ୍ରାଧିକାର ଅଧୀନରେ ବି, ଇ, ସି, ଡି ଏବଂ ଲୋକୋ କଲୋନୀଠାରେ ଆର୍‌ସିସି ଛାତର ଲିକେଜ୍ ଓ ଅନାବୃତ ରିଇନଫୋର୍ସମେଣ୍ଟର ମରାମତି; ₹୨,୩୪,୭୯,୨୨୩.୬୬ । **(୨) ସିକେପି-ୱେଷ୍ଟ-୨୧-୨୨-୦୨, ତାରିଖ: ୦୮।୦୪।୨୦୨୧;** ଏସ୍ଏସ୍‌ଇ/ୱାର୍କସ୍-II/ବଣ୍ଡମୁଣ୍ଡାଙ୍କ କ୍ଷେତ୍ରାଧିକାର ଅଧୀନରେ 'ବି' ଏବଂ 'ସି' ସେକ୍ଟର ବଣ୍ଡମୁଣ୍ଡାଠାରେ ପୃଥକ କାର୍ଣ୍ଣଶୀର୍ଣ୍ଣ ମାସୋନାରି ଓ.ଏଚ୍. ଟାଙ୍କିର ୱାଟର ଷ୍ଟୋରେଜ୍ ଟାଙ୍କି ଦ୍ୱାରା ମରାମତି କରିବା; ₹୮୧,୩୭,୬୭୩.୩୯ । **ଇଏମ୍‌ଡି:** ଉଭୟ ପାଇଁ ୦.୦ । **ଟେଣ୍ଡର ଫର୍ମ ମୂଲ୍ୟ:** ଉଭୟ ପାଇଁ ୦.୦ । **ଖୋଲାଯିବା ତାରିଖ:** ଉଭୟ ପାଇଁ ୦୬।୦୫।୨୦୨୧ । ଟେଣ୍ଡର ୱେବ୍‌ସାଇଟ **http://www.ireps.gov.in**ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗନେଚର୍ ସାର୍ଟିଫିକେଟ୍ ରହିଥିବ ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ପର୍କିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କୁ ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ (କର୍ତ୍ତୃପକ୍ଷ: ରେଲ୍‌ୱେ ବୋର୍ଡ ପତ୍ର ସଂ. ୨୦୨୦/ସିଇ-I/ସିଟି/୩ଇ/ଜିସିସି/ପଲିସି, ତାରିଖ ୧୬।୦୭।୨୦୨୦)
(PR-11)

**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/20-21/E-Tender/65 ତା.06.04.2021ରିଖ

(1) ଟେଣ୍ଡର ବିଜ୍ଞପ୍ତି ସଂ. e-Tender-CENTKUR-294-2020, ତା.25.03.2021ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ମଣ୍ଡଳ ଯନ୍ତ୍ରୀ (କେନ୍ଦ୍ରୀୟ) ପରିସୀମା ଅଧୀନସ୍ଥ ରେତଙ୍ଗ, ପଟିଆ, ବାରଙ୍ଗ ଏବଂ ନରାଜ ମାର୍ଥପୁର ଷ୍ଟେସନଗୁଡ଼ିକ ଠାରେ ହାଇ ଲେଭେଲ (high level) ପର୍ଯ୍ୟନ୍ତ ପ୍ଲାଟଫର୍ମ ଉପରକୁ ଉଠାଇବା ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 287.81 ଲକ୍ଷ, ଶେଷ ହେବା ଅବଧି : 10 (ଦଶ) ମାସ

(2) ଟେଣ୍ଡର ବିଜ୍ଞପ୍ତି ସଂ. e-Tender-EASTKUR-296-2020, ତା.30.03.2021ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ-II, କଟକ ପରିସୀମା ଅଧୀନସ୍ଥ କଟକ-ପାରାଦ୍ୱୀପ ସେକ୍ସନ ମଧ୍ୟସ୍ଥ ପ୍ୟାଚ୍‌ଗୁଡ଼ିକରେ ଅପ୍ ଏବଂ ଡାଉନ୍ ଲାଇନ୍‌ରେ 12.70 କି.ମି. ଥ୍ରୁ ସ୍ଲିପର ନବୀକରଣ କାର୍ଯ୍ୟ ସମ୍ପାଦନ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 326.75 ଲକ୍ଷ, ଶେଷ ହେବା ଅବଧି : 12 (ବାର) ମାସ

(3) ଟେଣ୍ଡର ବିଜ୍ଞପ୍ତି ସଂ. e-Tender-SouthKUR-299-2020, ତା.31.03.2021ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ(ଦକ୍ଷିଣ) ପରିସୀମା ଅଧୀନସ୍ଥ ବିଭିନ୍ନ ୟାର୍ଡ ଲାଇନ୍‌ଗୁଡ଼ିକଠାରେ 15.135 କି.ମି. କମ୍ପ୍ଲିଟ୍ ଟ୍ରାକ୍ ନବୀକରଣ (ସେକେଣ୍ଡାରୀ) କାର୍ଯ୍ୟ ସମ୍ପାଦନ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 307.67 ଲକ୍ଷ, ଶେଷ ହେବା ଅବଧି : 18 (ଅଠର) ମାସ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.21.04.2021 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍
PR-08/M/21-22

**ଆଧ୍ୟାତ୍ମିକ ସମାବେଶ**

ଡେଲାଙ୍ଗ,(ଡି.ଏନ୍.ଏ.)- ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ନିମବସନ୍ତ ଗ୍ରାମରେ ଶୁକ୍ରବାର ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ମଠ ପରିସରରେ ୩ ଦିନିଆ ଆଧ୍ୟାତ୍ମିକ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ମୁଖ୍ୟଅତିଥି ଭାବେ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଜଟଣୀ ଶାଖାର ମୁଖ୍ୟ ସଞ୍ଚାଳିକା ବ୍ରହ୍ମକୁମାରୀ ଜ୍ୟୋତି ଭଉଣୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଶୋକ ବଳିୟାର ସିଂହ, ଶିକ୍ଷାବିତ ଅଭୟ ପଟ୍ଟନାୟକ, ମଠାଧୀଶ ମହନ୍ତ ବୃନ୍ଦାବନ ଦାସ ମହାରାଜ ପ୍ରମୁଖ ଉପସ୍ଥିତ ଥିଲେ। ଧ୍ୟାନ, ରାଜଯୋଗ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ମାନସ ରଞ୍ଜନ ପଟ୍ଟନାୟକ, ସସ୍ମିତା ପଟ୍ଟନାୟକ, ଇତିଶ୍ରୀ ପଟ୍ଟନାୟକ, ପୁଷ୍ପଲତା ସାହୁ, ସତ୍ୟଜିତ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




୦୯.୦୪.୨୦୨୧

| ୨,୩୫,୩୬୭ ଟଙ୍କା | |
|---|---|
| ସୁନା | ୫୦ ମିଲିଗ୍ରାମ |
| ରୁପା | ୨୬.୪୦୦ଗ୍ରାମ |

## ସଂକ୍ଷେପରେ

### ବଡ଼ଦାଣ୍ଡ ସେବା ବନ୍ଦ

ପୁରୀ ଅଫିସ,୯।୪: ପୁରୀ ବଡ଼ଦାଣ୍ଡ ସେବା କାର୍ଯ୍ୟକ୍ରମକୁ ଜିଲା ପ୍ରଶାସନ ବନ୍ଦ କରିଛି। ପୁରୀରେ କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଛି। ଜିଲା ଲୋକସମ୍ପର୍କ ବିଭାଗ ପକ୍ଷରୁ ଏ ନେଇ ଶୁକ୍ରବାର ସୂଚନା ଦିଆଯାଇଛି। ଗତ କିଛି ଦିନ ହେବ ପ୍ରତି ଶନିବାର ବଡ଼ଦାଣ୍ଡ ସେବା କାର୍ଯ୍ୟକ୍ରମ ହେଉଥିଲା। ଏଥିରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବା ସହ ପ୍ରତିଯୋଗିତାମାନ ହେଉଥିଲା। ବଡ଼ଦାଣ୍ଡ ସେବା କାର୍ଯ୍ୟକ୍ରମରେ ହଜାର ହଜାର ସଂଖ୍ୟକ ଲୋକେ ଏକାଠି ହେଉଥିବାରୁ ସଂକ୍ରମଣ ବ୍ୟାପିବାର ଆଶଙ୍କା ବଢ଼ିଥିବା ଜିଲା ପ୍ରଶାସନ ଆଶଙ୍କା କରୁଛି। ତେଣୁ ଏହାକୁ ଅନିର୍ଦ୍ଦିଷ୍ଟ ସମୟ ପାଇଁ ବନ୍ଦ କରାଯାଇଛି।

### ସେବାୟତଙ୍କ କୋଭିଡ୍ ଟେଷ୍ଟ

ପୁରୀ ଅଫିସ, ୯।୪: ପୁରୀରେ କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ତେଣୁ ସେବାୟତମାନେ କୋଭିଡ ସଂକ୍ରମିତ ହେବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶୁକ୍ରବାରଠାରୁ ସେବାୟତଙ୍କ କୋଭିଡ ଟେଷ୍ଟ ଆରମ୍ଭ ହୋଇଛି। ବଡ଼ଦାଣ୍ଡ ନିକଟ ଉତ୍କଳ ହିନ୍ଦୀ ବିଦ୍ୟାପୀଠ ପରିସରରେ ପ୍ରଥମ ଦିନରେ ୯ଜଣଙ୍କ ଟେଷ୍ଟ କରାଯାଇଛି। ସେବାୟତଙ୍କ ସମେତ ଶ୍ରୀମନ୍ଦିର କର୍ମଚାରୀଙ୍କର ମଧ କୋଭିଡ୍ ପରୀକ୍ଷା କରାଯାଉଛି। ଆସନ୍ତା ସୋମବାରଠାରୁ ସେବାୟତଙ୍କୁ ହୋମିଓପାଥିକ ଔଷଧ ବିତରଣ କରାଯିବ। ଗତବର୍ଷ ରଥଯାତ୍ରା ପୂର୍ବରୁ ଓ ପରେ ସେବାୟତଙ୍କ ୫ଥର କରୋନା ଟେଷ୍ଟ ହୋଇଥିଲା।

### ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ

ପୁରୀ ଅଫିସ, ୯।୪:ପୁରୀ ବାସେଳିସାହି ଥାନା ଅଧୀନ ଗୋଖାସାହି ଛକ ନିକଟରେ ଶୁକ୍ରବାର ଜଣେ ଯୁବକଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରାଯାଇଛି। ଆକ୍ରମଣରେ ମାର୍କଣ୍ଡେଶ୍ୱର ସାହି ଅଞ୍ଚଳର କାଳୁଆ ବେହେରା ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, କାଳୁଆ ଗୋଖା ସାହି ଛକ ନିକଟରେ ଠିଆ ହୋଇଥିବାବେଳେ ସେହି ସାହିର ୪ ଯୁବକ ଦିବାନା ବେହେରା, ଦୀପୁ ବେହେରା, ପପୁ ବେହେରା ଏବଂ ମହାବୀର ବେହେରା ତାଙ୍କୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଫଳରେ କାଳୁଆଙ୍କ ମୁଣ୍ଡ ଓ ଡାହାଣ ହାତରେ ଆଘାତ ଲାଗିଥିଲା। ପରିବାରବର୍ଗ ପହଞ୍ଚି କାଳୁଆଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।

### ସିପିଆଇଏମ୍ଏଲ୍ ବିଧାୟକ ପ୍ରାର୍ଥୀଙ୍କ ପ୍ରଚାର

ପିପିଲି,୯।୪(ଡି.ଏନ୍.ଏ.)- ଦେଶର ଏକ ସଙ୍କଟ ଜନକ ସମୟରେ ପିପିଲି ବିଧାନସଭା ପାଇଁ ଉପନିର୍ବାଚନ ହେଉଅଛି। ଏଠାରେ ପ୍ରମୁଖ ଦଳ ମଧ୍ୟରେ ଜୋରଦାର୍ ଟକର ଚାଲିଥିବା ବେଳେ ଶୁକ୍ରବାର ବାମପନ୍ଥୀ ସମର୍ଥିତ ସିପିଆଇ (ଏମ୍ଏଲ) ପାର୍ଟି ପକ୍ଷରୁ ବିଧାୟକ ପ୍ରାର୍ଥୀ ଅଶୋକ ପ୍ରଧାନ ଏକ ବିଶାଳ ରାଲି କରି ପିପିଲି ବଜାର୍ ଉପରେ ସାଧାରଣ ସଭା କରିଛନ୍ତି। କୃଷକ ନେତା କିଷାନ ପଟ୍ଟନାୟକଙ୍କ ସଭାପତିତ୍ୱରେ ରାଜ୍ୟ କମିଟି ସଭ୍ୟ ଜନାର୍ଦ୍ଦନ ପତି, ଯୁଧିଷ୍ଠିର ମହାପାତ୍ର, ରାଧାକାନ୍ତ ସେଠି, ଦିବାକର ବେହୁରା, ଅଭୟ ସାହୁ ପ୍ରମୁଖ ଯୋଗଦେଇ ପିପିଲି ଅଞ୍ଚଳର ସାଧାରଣ ମଣିଷର ସ୍ୱାର୍ଥ ଜଡିତ ସମସ୍ତ ପ୍ରସଙ୍ଗ ତଥା କୃଷକ ଆନ୍ଦୋଳନ, ବିଭିନ୍ନ ଦର ବୃଦ୍ଧି, ଦୁର୍ନୀତି, ଉତ୍କଟ ବେକାରି ଆଦି ସମସ୍ୟାକୁ ଲୋକଙ୍କ ସମ୍ମୁଖରେ ରଖି ପ୍ରାର୍ଥୀ ଅଶୋକ ପ୍ରଧାନ ଙ୍କୁ ତିନି ତାରା ପତାକା ଚିହ୍ନରେ ଭୋଟ ଦେଇ ଜିତାଇବାକୁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମକୁ କମ୍ୟୁନିଷ୍ଟ ନେତା ସର୍ବେଶ୍ୱର ଭାରତୀ, ଶାନ୍ତିଲତା ଭାରତୀ, କାହ୍ନୁ ଚରଣ ବେହେରା ଏବଂ ରାଜକିଶୋର ଶତପଥୀ ପ୍ରମୁଖ ପରିଚାଳନା କରିଥିଲେ।

# ପ୍ରଶାସନ ରଖିନି ବନ୍ଦ ଉଦ୍ୟୋଗ ତଥ୍ୟ

**ଗତବର୍ଷ ପୁରୀ ଜିଲାରେ ହୋଇନି ସର୍ଭେ**

■କରୋନା ସମୟରେ ପ୍ରଭାବିତ ହୋଇଥିଲା ବହୁ ଉଦ୍ୟୋଗ

■୬କୋଟି ୫୧ ଲକ୍ଷ ୬୮ ହଜାର ଟଙ୍କାର ଋଣ ପଇଠ ହୋଇଛି

ପୁରୀ ଅଫିସ, ୯।୪:

ପୁରୀ ଜିଲା ଶିଳ୍ପ କେନ୍ଦ୍ର ଗତବର୍ଷ କୋଭିଡ୍ ସମୟରେ ଋଣ ଦେବାରେ ଉନ୍ନତ ପ୍ରଦର୍ଶନ କରିଛି। ଏପରି କି ପ୍ରଧାନମନ୍ତ୍ରୀ ରୋଜଗାର ସୃଷ୍ଟି ଯୋଜନା (ପିଏମ୍ଇଜିପିଆଇ)ରେ ଧାର୍ଯ୍ୟ ଲକ୍ଷ୍ୟ ଠାରୁ ୯ ପ୍ରତିଶତ ଅଧିକ ଲୋକଙ୍କୁ ଋଣ ଦେଇ ଆତ୍ମନିର୍ଭର କରିବାର ପ୍ରୟାସ କରିଛି। ସେହିପରି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା କୋଭିଡ୍ ସ୍ପେଶାଲ୍ ପ୍ୟାକେଜ ମଧ ଋଣ ନେଇ ଉଦ୍ୟୋଗ କରିଥିବା ଲୋକଙ୍କ ପାଖରେ ପହଞ୍ଚି ପାରିଛି। ଯେଉଁ ଉଦ୍ୟୋଗ ଠିକ୍ ଲାଭ ଦେଇପାରୁ ନ ଥିଲା କିମ୍ବା କରୋନା ଯୋଗୁ ଆର୍ଥିକ ସମସ୍ୟାରେ ଥିଲା, ସମ୍ପୃକ୍ତ ଉଦ୍ୟୋଗର ଋଣ ଛାଡ଼ ବାବଦକୁ ଜିଲା ଉଦ୍ୟୋଗ କେନ୍ଦ୍ର ୫ ପ୍ରତିଶତ ଲେଖାଏ ଟଙ୍କା ପଇଠ କରିଛି। ଏ ନେଇ ୨୦୨୦-୨୧ ପାଇଁ ରାଜ୍ୟ ସରକାର ୪ କୋଟି ୮୮ ଲକ୍ଷ ଟଙ୍କା ୪୯ ହଜାର ଖର୍ଚ୍ଚ କରିବା ଲାଗି ଲକ୍ଷ୍ୟ ରଖିଥିବାବେଳେ ପୁରୀ ଜିଲା ଶିଳ୍ପ କେନ୍ଦ୍ର ୬କୋଟି ୫୧ ଲକ୍ଷ ୬୮ ହଜାର ଟଙ୍କା ଖର୍ଚ୍ଚ କରିଛି ବୋଲି ଜିଲା ଶିଳ୍ପ କେନ୍ଦ୍ର ପକ୍ଷରୁ କୁହାଯାଇଛି। ତେବେ କରୋନା ସମୟରେ ଜିଲାର ଅଧିକାଂଶ ଉଦ୍ୟୋଗ ପ୍ରଭାବିତ ହୋଇଥିଲା। କେତୋଟି ଉଦ୍ୟୋଗ ମଧ ବନ୍ଦ ହୋଇଯାଇଛି। ତେବେ ବନ୍ଦ ହୋଇଯାଇଥିବା ଉଦ୍ୟୋଗ ସମ୍ପର୍କରେ ଜିଲା ଶିଳ୍ପ କେନ୍ଦ୍ର ପାଖରେ ତଥ୍ୟ ନାହିଁ। ଅନ୍ୟପକ୍ଷରେ ଉଦ୍ୟୋଗ ବନ୍ଦ ସଂକ୍ରାନ୍ତ ତଥ୍ୟ କେବଳ ସର୍ଭେରୁ ଜଣାପଡ଼ିବ। କିନ୍ତୁ କୋଭିଡ୍ ଯୋଗୁ ଗତବର୍ଷ ଜିଲାରେ ସର୍ଭେ ହୋଇ ନାହିଁ ବୋଲି ପିଏମ୍ଇଜିପିଆଇ ଦାୟିତ୍ୱରେ ଥିବା ଅଧିକାରୀ ଶ୍ରୀକାନ୍ତ ଶ୍ରୀଚନ୍ଦନ କହିଛନ୍ତି।

ସେହିପରି କେଉଁ କେଉଁ ଉଦ୍ୟୋଗ ପୁଣି ଥରେ ଠିଆ ହେବା ପାଇଁ ଟଙ୍କା ଆବଶ୍ୟକ କରୁଛନ୍ତି ତାହା ମଧ ଜିଲା ଶିଳ୍ପ କେନ୍ଦ୍ର ଜାଣିବାରେ ଅସମର୍ଥ ହୋଇଛି। ଲିଡ୍ ଡିଷ୍ଟ୍ରିକ୍ଟ ମ୍ୟାନେଜର କିଶୋର କୁମାର ଆଚାର୍ଯ୍ୟ କହିଛନ୍ତି, କେତେ ସଂଖ୍ୟକ ଉଦ୍ୟୋଗ କୋଭିଡ୍ ସମୟରେ ପ୍ରଭାବିତ ହୋଇ ବନ୍ଦ ପଡ଼ିଛି ତାହା ଜାଣିବା ସମ୍ଭବପର ନୁହେଁ। ରିକଭରି ପାଇଁ ଶିଳ୍ପକେନ୍ଦ୍ରର ସହଯୋଗ ନେଇ ବ୍ୟାଙ୍କ କାମ କରିଥାଏ। ତେଣୁ ବ୍ୟାଙ୍କଗୁଡ଼ିକ ହିଁ ଏଭଳି ଉଦ୍ୟୋଗର ସଂଖ୍ୟା କହି ପାରିବେ। ତେବେ ଶିଳ୍ପକେନ୍ଦ୍ର ସହଯୋଗରେ ବ୍ୟାଙ୍କ ରିକଭରି କ୍ୟାମ୍ପ କରୁଛି। ଏହି ବାବଦକୁ ଜାନୁୟାରୀ ମାସରେ ୨ଲକ୍ଷ ୫୨ହଜାର ୮ଶହ ଟଙ୍କା ଏବଂ ଫେବୃୟାରୀରେ ୩ଲକ୍ଷ ୧୪ହଜାର ୭ଶହ ଟଙ୍କା ରିକଭରି ହୋଇଛି। ଜିଲାରେ ଅଧିକାଂଶ ମାନୁଫାକଚରିଂ ୟୁନିଟ୍‌ଙ୍କଠାରୁ ରିକଭରି ହେଉଥିବା ଦେଖିବାକୁ ମିଳିଛି। କୋଭିଡ୍ ଯୋଗୁ ଗତବର୍ଷ ଏହି ସେକ୍ଟର ହିଁ ବ୍ୟାପକ ଭାବେ ପ୍ରଭାବିତ ହୋଇଥିଲା। ଏଗୁଡ଼ିକ ମଧ୍ୟରେ ସିମେଣ୍ଟ, ଇଟା ଓ ଫାବ୍ରିକେଶନ୍ ଉଦ୍ୟୋଗ ପ୍ରମୁଖ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ କୋଭିଡ୍ ସମୟରେ ସରକାର ଉଦ୍ୟୋଗକୁ ସହଯୋଗର ହାତ ବଢ଼ାଇଥିବା ନେଇ ବାଃ ବାଃ ନେଉଥିବାବେଳେ ଉଦ୍ୟୋଗ ବନ୍ଦ ପଡ଼ିଥିବାର ତଥ୍ୟ କାହା ପାଖରେ ନାହିଁ।



ଲ୍ୟାଣ୍ଡ ସବ୍‌କମିଟି ଗଠନ କରି ଜମି ବିକ୍ରି ଦାବିରେ ଶୁକ୍ରବାର ପୁରୀ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖରେ ଭିଟାମାଟି ଅଧିକାର ମଞ୍ଚର ବିକ୍ଷୋଭ।

## ବିଜୁ ପଟ୍ଟନାୟକ ପ୍ରିମିୟର ଲିଗ୍, ଫାଇନାଲରେ ବନାଖଣ୍ଡି

କୋଣାର୍କ,୯।୪(ଡି.ଏନ୍.ଏ.)

ସୋରଭା ପଞ୍ଚାୟତ ଖେଳପଡିଆରେ ଗୋପ ବ୍ଲକସ୍ତରୀୟ ବିଜୁ ପଟ୍ଟନାୟକ ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚରେ ସୋରଭା ପଞ୍ଚାୟତ କ୍ରିକେଟ ଟିମକୁ ହରାଇ ବନାଖଣ୍ଡି ପଞ୍ଚାୟତ କ୍ରିକେଟ ଟିମ ଫାଇନାଲରେ ପ୍ରବେଶ କରିଛି। ମ୍ୟାଚରେ ସୋରଭା ଟିମ୍ ଟସ ଜିଣି ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୧୦୫ ରନ କରିଥିଲା। ଜବାବରେ ବନାଖଣ୍ଡି ଟିମ୍ ୧୦ ଓଭର ୩ବଲ ବିନିମୟରେ ୧ଉଇକେଟ ହରାଇ ମ୍ୟାଚ ଜିତିଛି । ବିଜୟୀ ଦଳର ମନୋଜ କାଣ୍ଡି ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ । ଅତିଥି ଭାବେ ପୁରୀ ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ, ୧୪ନଂ. ଜୋନ ଜିଲା ପରିଷଦ ସଭ୍ୟ ଜ୍ୟୋତିରଞ୍ଜନ ନାୟକ, ଗୋପ ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପରିଡ଼ା, ସୋରଭା ସରପଞ୍ଚ ନିରୁପମା ସ୍ୱାଇଁ, ବନାଖଣ୍ଡି ସରପଞ୍ଚ ଜିତେନ୍ଦ୍ର ମଲ୍ଲିକ, ଦେଓସ୍ଥଳୀ ସରପଞ୍ଚ ମୋହିନୀ ନାୟକ, ସାମାଜିକ କର୍ମୀ ଜ୍ୟୋତିରଞ୍ଜନ ନାୟକ, ବାବୁଲାଲ ସ୍ୱାଇଁ, କୋଣାର୍କ ଯୁବ ବିଜେଡି ସଭାପତି ଶତ୍ରୁଜିତ ନାୟକ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ଯୁବକ ଗୁରୁତର

ପୁରୀ ଅଫିସ, ୯।୪:

ଚନ୍ଦନପୁର ତୁଳସୀ ଚଉରା ଛକଠାରେ ଶୁକ୍ରବାର ସଡ଼କ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଭୁବନେଶ୍ୱର ପଟିଆର ଜ୍ୟୋତି ପ୍ରକାଶ ସାହୁ। ସେ ସ୍କୁଟି ଯୋଗେ ପୁରୀ ଆସୁଥିଲେ। ଛକ ପାଖରେ ବାଇପାସ୍ ରାସ୍ତା କାମ ପାଇଁ ଗୋଟିଏ ପଟ ବନ୍ଦ ରହିଛି। ଜ୍ୟୋତି ସେହି ରାସ୍ତା ଦେଇ ଆସୁଥିବାବେଳେ ସ୍କୁଟି ସହ ଖସିପଡ଼ିଥିଲେ।

# ଶଙ୍କରାନନ୍ଦ ମଠକୁ ଜାତୀୟ କୀର୍ତ୍ତିରାଜି ଘୋଷଣା କରାଯାଉ

ପୁରୀ ଅଫିସ,୯।୪:

ଶଙ୍କରାନନ୍ଦ ମଠର ପୁନରୁଦ୍ଧାର ସହ ଏହାକୁ ଜାତୀୟ କୀର୍ତ୍ତିରାଜି ଭାବେ ଘୋଷଣା କରାଯିବାକୁ ଉତ୍କଳ ବିଦ୍ୱତ୍ ପରିଷଦ ଦାବି କରିଛି। ଏ ନେଇ ଶୁକ୍ରବାର ପରିଷଦ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଦାବିପତ୍ରରେ ଦର୍ଶାଯାଇଛି ଯେ, ଶଙ୍କରାନନ୍ଦ ମଠ ଶ୍ରୀକ୍ଷେତ୍ରର ଅନ୍ୟତମ ସର୍ବପୁରାତନ ମଠ। ଆଦି ଶଙ୍କରଙ୍କ ପୁରୀ ଆଗମନ ପୂର୍ବରୁ ଏହି ମଠ ଶ୍ରୀକ୍ଷେତ୍ରରେ ସ୍ଥାପନ ହୋଇଥିଲା। ଆଦି ଶଙ୍କର ଶ୍ରୀକ୍ଷେତ୍ର ଆସି ପ୍ରଥମେ ଏହି ମଠରେ ଅବସ୍ଥାନ କରିଥିଲେ। ସେହିପରି ଶ୍ରୀମନ୍ଦିର ନୀତିକାନ୍ତି ସମେତ ଲିଙ୍ଗରାଜ ମନ୍ଦିର, ଶ୍ରୀଲୋକନାଥ ମନ୍ଦିର, ମୁକ୍ତିମଣ୍ଡପ ଏବଂ ଢେଙ୍କାନାଳର କପିଳାସ ମନ୍ଦିର ସହିତ ଏହି ମଠର ସମ୍ପର୍କ ରହିଛି। ତେଣୁ ଏହି ଐତିହ୍ୟ ସମ୍ପନ୍ନ ମଠର ପୁନରୁଦ୍ଧାର କରାଯିବା ସହ ଏହାକୁ ଜାତୀୟ କୀର୍ତ୍ତିରାଜି ଭାବେ ଘୋଷଣା କରାଯାଉ ବୋଲି ଉତ୍କଳ ବିଦ୍ୱତ୍ ପରିଷଦ ଦାବି କରିଛି। ଦାବିପତ୍ର ପ୍ରଦାନ ସମୟରେ ପରିଷଦର ଅଧ୍ୟକ୍ଷ ମନୋଜ ରଥ, ସୁକାନ୍ତ ପଣ୍ଡା, ଶ୍ୟାମସୁନ୍ଦର ମହାପାତ୍ର, ବିଜୟକୃଷ୍ଣ ବ୍ରହ୍ମା ଏବଂ ପଣ୍ଡିତ କମଳାକାନ୍ତ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରକଳ୍ପ ନିର୍ଦ୍ଦେଶକଙ୍କ ପାର୍କ କାର୍ଯ୍ୟ ପରିଦର୍ଶନ

ସାକ୍ଷୀଗୋପାଳ, ୯।୪(ସ୍ୱ.ପ୍ର./ଡି.ଏନ୍.ଏ.)

ସତ୍ୟବାଦୀ ବ୍ଲକରେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନା ଓ ପଞ୍ଚାୟତର ନିଜସ୍ୱ ପାଣ୍ଠି ମାଧ୍ୟମରେ ପ୍ରତ୍ୟେକ ପଞ୍ଚାୟତରେ ପାର୍କ, ଖେଳପଡ଼ିଆ ଭଳି ଉନ୍ନୟନ କାର୍ଯ୍ୟ ବ୍ଲକ ପ୍ରଶାସନ ସହଯୋଗରେ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟର ଅନୁଧ୍ୟାନ ନିମନ୍ତେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ନୀତୀଶ କୁମାର ସେନ ଶୁକ୍ରବାର ସତ୍ୟବାଦୀ ବ୍ଲକର ବିଭିନ୍ନ ପଞ୍ଚାୟତରେ ନିର୍ମାଣାଧୀନ ପାର୍କ କାମଗୁଡିକ ପରିଦର୍ଶନ କରିଛନ୍ତି। ନିର୍ମାଣ ଦାୟିତ୍ୱରେ ଥିବା ବ୍ଲକର କନିଷ୍ଠ ଯନ୍ତ୍ରୀ ଇନ୍ଦ୍ରାଣୀ ସ୍ୱାଇଁ, ନିବେଦିତା କାନୁନ୍‌ଗୋ, ପ୍ରମଥା ଦାଶ ଓ ରତ୍ନେଶ ପାଣ୍ଡେ ପ୍ରମୁଖ ଏହି ପରିଦର୍ଶନ ସମୟରେ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସହିତ ସାମିଲ ରହି ପଞ୍ଚାୟତରେ ଚାଲିଥିବା ପାର୍କ କାର୍ଯ୍ୟଗୁଡିକର ଅଗ୍ରଗତି ସମ୍ପର୍କରେ ଜିଲା ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ପରିଦର୍ଶନ ସମୟରେ ଦୁଗଲ ପଞ୍ଚାୟତ ସରପଞ୍ଚ ପ୍ରକାଶ ଖଟେଇ, ପେଣ୍ଠପଡାର ବାସନ୍ତୀ ବେହେରା, ଜୟପୁରର ବିଶ୍ୱଜିତ ମହାପାତ୍ର, ମଧୁବନର ବିଜୟ କୁମାର ମହାନ୍ତି, ବିଦ୍ୟାଧରପୁରର ରଶ୍ମିତା ପ୍ରଧାନ ଓ ମୂଳ ଅଳସା ପଞ୍ଚାୟତର ତେନ୍ତୁଳିଆ ସହିତ ବିଶ୍ୱନାଥପୁର ପଞ୍ଚାୟତର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଡେଲାଙ୍ଗ-ପିପିଲିର ବିକାଶ ପାଇଁ ପ୍ରତିଶ୍ରୁତି

**୭ ପଞ୍ଚାୟତରେ ବିଜେଡିର ମହିଳା ସମାବେଶ**

ଡେଲାଙ୍ଗ/ପିପିଲି,୯।୪(ଡି.ଏନ୍.ଏ.)

ପିପିଲି ଉପନିର୍ବାଚନ ତାରିଖ ଯେତେ ପାଖେଇ ଆସୁଛି, ପ୍ରାର୍ଥୀମାନଙ୍କ ମଧ୍ୟରେ ସେତିକି ଉତ୍ସୁକତା ବଢ଼ିବାରେ ଲାଗିଛି। ବିଜେଡି ପକ୍ଷରୁ ଶୁକ୍ରବାର ମୁନିନ୍ଦା, ବେରବୋଇ, ଗୁଆଳିପଡା, ଚାଇଁପୁର, ରେଙ୍ଗାଳ, ସୁଜନପୁର ପ୍ରଭୃତି ୭ଟି ପଞ୍ଚାୟତରେ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନ୍ତ୍ରୀ ସୁଶାନ୍ତ ସିଂହ, ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ, ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ଏମ୍‌ପି ଶର୍ମିଷ୍ଠା ସେଠୀ, ବିଧାୟକ ଉମାକାନ୍ତ ସାମନ୍ତରାୟ, ମହିଳା ବିଜୁ ଜନତା ଦଳର ମିରା ପରିଡା, ଡେଲାଙ୍ଗ ମହିଳା ସଙ୍ଗଠନର ବାସନ୍ତୀ ସାହୁ, ସ୍ୱର୍ଗତ ପ୍ରଦୀପ ମହାରଥୀଙ୍କ କନ୍ୟା ପଲ୍ଲବୀ ମହାରଥୀ ପ୍ରମୁଖ ଯୋଗଦେଇଥିଲେ। ଥପୂର୍ବଭଳି ଡେଲାଙ୍ଗ-ପିପିଲିର ବିକାଶକୁ ପ୍ରାଧାନ୍ୟ ଦେବାକୁ ଅତିଥିମାନେ ଆହ୍ୱାନ ଦେଇଥିବାବେଳେ ବିକାଶଧାରାକୁ ବଜାୟ ରଖିବା ପାଇଁ ଜନତାଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିଲେ। ଜିଲା ପରିଷଦ ସଭ୍ୟା ପୁଷ୍ପାଞ୍ଜଳି ସାମଲ, ସରପଞ୍ଚ ସନ୍ଧ୍ୟାରାଣୀ ପରିଡା, ବାଙ୍କି ବିଧାୟକ ଦେବିରଞ୍ଜନ ତ୍ରିପାଠୀ, ମହିଳା ବିଜେଡି ସଭାନେତ୍ରୀ ପ୍ରମିଳା ମଲ୍ଲିକ, ଉପସଭାପତି ସୋଫିଆ ଆଲାମ, ସମ୍ପାଦିକା ସନ୍ଧ୍ୟାରାଣୀ ପ୍ରଧାନ, ବିଧାୟକ




ବିଜେଡିର ମହିଳା ସମାବେଶରେ ନେତୃବୃନ୍ଦ ।

ଆକାଶ ଦାସ ନାୟକ, ବ୍ଲକ ସଭାପତି ବୈରାଗୀ ଜେନା, ସମ୍ପାଦକ ଶିଶିର ପରିଜା ପ୍ରମୁଖ ଯୋଗଦେଇଥିଲେ। ପିପିଲିରେ ଜ୍ୟୋସ୍ନାରାଣୀ ଜେନା ଓ ଭୁବନେଶ୍ୱର (ମଧ୍ୟ)ବିଧାୟକ ଅନନ୍ତ ନାରାୟଣ ଜେନା ପ୍ରଚାର ଚଳାଇଛନ୍ତି। ଲକ୍ଷ୍ମୀନାରାୟଣପୁର, ପୂବା ଶାସନ ଓ ଗୋବିନ୍ଦପୁରରେ ଘର ଘର ବୁଲି ପ୍ରାର୍ଥୀ ରୁଦ୍ର ପାଇଁ ଭୋଟ ମାଗିଛନ୍ତି। ରାଜ୍ୟ ବିଜୁ ମହିଳା ସାଧାରଣ ସମ୍ପାଦିକା ଏଲିନା ଦାସ ଜଟଣୀ ମୁଖ୍ୟ ରାସ୍ତା କଣ୍ଟିଛକରୁ ସାଇକେଲ ଶୋଭାଯାତ୍ରାରେ ବାହାରି ଗାଁ ଗାଁ ବୁଲି ରୁଦ୍ରଙ୍କ ପାଇଁ ଭୋଟ ମାଗିଛନ୍ତି। ଏହି ରାଲିରେ ସରପଞ୍ଚ ପ୍ରକାଶ ଧଳଙ୍କ ସହିତ ବହୁ ନେତା ଓ ଶତାଧିକ ଯୁବତୀ ସାମିଲ ଥିଲେ ।



କଂଗ୍ରେସର ପ୍ରଚାର ଶୋଭାଯାତ୍ରାରେ ବିଧାୟକ ସୁରେଶ ରାଉତରାୟ ଏବଂ କର୍ମୀ।

## ଅଜିତଙ୍କ ପାଇଁ ପ୍ରଚାର କଲେ ସୁର

ଡେଲାଙ୍ଗ/ପିପିଲି,୯।୪(ଡି.ଏନ୍.ଏ.)

କଂଗ୍ରେସ ପ୍ରାର୍ଥୀ ଅଜିତ ମଙ୍ଗରାଜଙ୍କ ପାଇଁ ବ୍ଲକ ସଭାପତିଙ୍କ ନେତୃତ୍ୱରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ପ୍ରଚାର କରୁଛନ୍ତି। ସେ ପିପିଲି ନିର୍ବାଚନମଣ୍ଡଳୀର ପ୍ରତି ଗାଁ ବୁଲି ନିଜ ମଜାଦାର ଢଙ୍ଗରେ ଲୋକଙ୍କୁ ପ୍ରାର୍ଥୀ ଅଜିତଙ୍କୁ ଭୋଟ ଦେବା ପାଇଁ ନିବେଦନ କରୁଛନ୍ତି। ପ୍ରଚାରରେ ରାଉତରାୟଙ୍କ ସହ ପିସିସି ସଦସ୍ୟ ଯୋଗେନ୍ଦ୍ର ବାହୁବଳେନ୍ଦ୍ର, ପିସିସି ପୂର୍ବତନ ସଭାପତି ଜୟଦେବ ଜେନା, ପ୍ରଦୀପ ମାଝି, ବିଶ୍ୱ ମହାନ୍ତି, ମୁଖପାତ୍ର ନିଶିକାନ୍ତ ମିଶ୍ର, ରାଜ୍ୟ ମହିଳା ସମ୍ପାଦିକା ନିରୁପମା ପାତ୍ର, ବନିତା ପରିଡା, କୁସୁମ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। କେନ୍ଦ୍ର ସରକାରଙ୍କ କୃଷିମାରଣ ନୀତି, ତୈଳଦର ବୃଦ୍ଧି ସାଙ୍ଗକୁ ରାଜ୍ୟ ସରକାର ଜନକଲ୍ୟାଣ ଯୋଜନାର ଡିଣ୍ଡିମ ପିଟୁଥିବା ବେଳେ ସ୍ୱର୍ଗତ ବିଧାୟକଙ୍କ ୩୫ ବର୍ଷ ଶାସନ କାଳରେ ଶୀତଳ ଭଣ୍ଡାର ନାହିଁ, ଫନୀ ହିତାଧିକାରୀ ଘରଭଙ୍ଗା ସହାୟତାରୁ ବଞ୍ଚିତ ରହିଥିବା ରାଉତରାୟ କହିଛନ୍ତି। ସେ ଡେଲାଙ୍ଗ୍ରୀ କୋଠବାଡ, ଅରିସଲ, ଖେଲାଉର, ସୁଜନପୁର ଆଦି ପଞ୍ଚାୟତରେ ପ୍ରଚାର କରିଛନ୍ତି । ପିପିଲି କଂଗ୍ରେସ କାର୍ଯ୍ୟାଳୟରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ହାଟସାହି ପଞ୍ଚାୟତର ବିଜେଡିର ଅନେକ ଯୁବକ କଂଗ୍ରେସରେ ସାମିଲ ହୋଇଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅରୁନ୍ଧତୀ



@ ଦୀପ୍ତିରଞ୍ଜନ



@ ଅନୁରାଧା



@ ଜୟପ୍ରକାଶ



@ ସରୋଜ



@ ପରେଶ



@ ଜିତେନ୍ଦ୍ର

## ପୁରୀ ଷ୍ଟେଶନରେ ଆର୍‌ଟି-ପିସିଆର୍ ଟେଷ୍ଟ

ପୁରୀ ଅଫିସ,୯।୪:

ପୁରୀ ରେଳଷ୍ଟେଶନରେ କୋଭିଡ୍ ସଚେତନତା କାର୍ଯ୍ୟକ୍ରମ ଚାଲିଛି। ଯାତ୍ରୀଙ୍କୁ ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ ରଖିବା ଓ ହାତ ସାନିଟାଇଜ କରିବା ପାଇଁ ରେଲୱେ ପୋଲିସ ପକ୍ଷରୁ ପରାମର୍ଶ ଦିଆଯାଉଛି। ମାସ୍କ ପିନ୍ଧି ନ ଥିବା କିମ୍ବା କୋଭିଡ୍ କଟକଣା ଉଲ୍ଲଂଘନ କରୁଥିବା ବ୍ୟକ୍ତିଙ୍କଠାରୁ ଜରିମାନା ଆଦାୟ କରାଯାଉଛି। ଦୂରୋନ୍ତ ଏକ୍ସପ୍ରେସ୍, ଉତ୍କଳ ଏକ୍ସପ୍ରେସ୍, ପୁରୀ-ହାଓଡ଼ା ଏକ୍ସପ୍ରେସ୍, ଅହମ୍ମଦାବାଦ ଏକ୍ସପ୍ରେସ ଆଦି ଟ୍ରେନ୍‌ରେ ଯାତ୍ରୀଙ୍କୁ କୋଭିଡ୍ ନିୟମ ମାନିବା ପାଇଁ ଗୁରୁବାର ସଚେତନତା କରାଯାଇଛି। ପୁରୀ ଆର୍‌ପିଏଫ୍ ଥାନା ଆଇଆଇସି ଅନିଲ ସିଂ କହିଛନ୍ତି, ୫ ପ୍ରମୁଖ କୋଭିଡ୍ ପ୍ରଭାବିତ ରାଜ୍ୟର ପର୍ଯ୍ୟଟକଙ୍କୁ ଲଗାତର ସ୍କ୍ରିନିଂ କରାଯାଉଛି। ସେହିଭଳି ସାନିଟାଇଜେଶନ୍ ଓ ମାସ୍କ ଚେକିଂକୁ କଡ଼ାକଡ଼ି କରାଯାଇଛି। ବାହାର ରାଜ୍ୟରୁ ଆସୁଥିବା ଯାତ୍ରୀଙ୍କ ଟିକେଟ୍ ଚେକିଂ କରାଯାଇ ଲକ୍ଷଣ ଥିଲେ ଆର୍‌ଟି-ପିସିଆର୍ ଟେଷ୍ଟ କରାଯାଉଛି। ମଙ୍ଗଳବାର ୪୨, ବୁଧବାର ୩୫ ଓ ଗୁରୁବାର ୧୨ଜଣଙ୍କ ଆର୍‌ଟିପିସିଆର୍ ଟେଷ୍ଟ ହୋଇଛି। ଅନ୍ୟପକ୍ଷରେ ବାହାର ରାଜ୍ୟରୁ ଆସୁଥିବା ଲୋକଙ୍କ ସଂଖ୍ୟା ପୂର୍ବାପେକ୍ଷା କମିଛି ବୋଲି ସିଂ କହିଛନ୍ତି। ପୁରୀ ଆସୁଥିବା ପର୍ଯ୍ୟଟକଙ୍କ ମଧ୍ୟରୁ ଅଧିକାଂଶ ଭ୍ୟାକ୍ସିନେଶନ୍ ସାରିଛନ୍ତି। ତେଣୁ ସେମାନଙ୍କୁ ଷ୍ଟେଶନରେ ରଖି ଟେଷ୍ଟିଂ କରାଯାଉନାହିଁ। ଅନେକ ଯାତ୍ରୀ କୋଭିଡ୍ ନେଗେଟିଭ୍ ରିପୋର୍ଟ ସାଙ୍ଗରେ ନେଇ ଆସୁଛନ୍ତି। ଯେଉଁମାନେ ବିନା ରିପୋର୍ଟ କିମ୍ବା ଭ୍ୟାକ୍ସିନେଶନରେ ଷ୍ଟେଶନରେ ପହଞ୍ଚୁଛନ୍ତି କେବଳ ସେମାନଙ୍କର ସ୍କ୍ରିନିଂ କରାଯାଉଛି। ଅନ୍ୟପକ୍ଷରେ ଲକ୍ଷଣ ଥାଉ କିମ୍ବା ନ ଥାଉ ସବୁ ବାହାର ରାଜ୍ୟରୁ ଆସୁଥିବା ଲୋକଙ୍କର କୋଭିଡ୍ ଟେଷ୍ଟ କରାଯିବ।

## ରାଷ୍ଟ୍ରୀୟ ନବବର୍ଷରେ ଘର ଆଗରେ ବସିବ କଳସ

**ପୁରୀ ଅଫିସ:** ଆସନ୍ତା ୧୩ ତାରିଖରେ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସମିତି ପକ୍ଷରୁ ରାଷ୍ଟ୍ରୀୟ ନବବର୍ଷ ପାଳନ କରାଯିବ। ଏ ନେଇ ଶୁକ୍ରବାର ସମିତି ପକ୍ଷରୁ ପ୍ରସ୍ତୁତି ବୈଠକ ପଥୁରିଆ ସାହି ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସୂର୍ଯ୍ୟୋଦୟ ସମୟରେ ଘଣ୍ଟ ଓ ଶଙ୍ଖଧ୍ୱନୀରେ ନବବର୍ଷକୁ ସ୍ୱାଗତ କରାଯିବା ପରେ ସମସ୍ତେ ମହୋଦଧିରେ ସ୍ନାନ କରି ମହାପ୍ରଭୁଙ୍କ ଦର୍ଶନ କରିବେ। ଏହି ଦିନ ପ୍ରତ୍ୟେକ ପରିବାର ନିଜ ଘର ସମ୍ମୁଖରେ କଳସ ବସାଇ ନବବର୍ଷ ପାଳନ କରିବେ ବୋଲି ସମିତିର ସମ୍ପାଦକ ସୁରେଶ ଚନ୍ଦ୍ର ସାହୁ କହିଛନ୍ତି। ବୈଠକରେ କିଶୋର ମୋହନ ସିଂହ, ବିକାଶ ଦତ୍ତ, ପ୍ରସନ୍ନ ନାୟକ, ବାମଦେବ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଜମି ଜାଲିଆତି: ୨ ସବ୍‌ରେଜିଷ୍ଟ୍ରାରଙ୍କ ସମେତ ୬ଜଣଙ୍କ ନାଁରେ ମାମଲା

**ଭୁବନେଶ୍ୱର,୯।୪(ବ୍ୟୁରୋ):** ଜମି ଜାଲିଆତି ମାମଲାରେ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଦୁଇଜଣ ସବ୍‌ରେଜିଷ୍ଟ୍ରାର୍, ବିଲ୍ଡରଙ୍କ ସମେତ ୬ଜଣଙ୍କ ନାଁରେ ଜଟଣୀ ଥାନା ପୋଲିସ ମାମଲା (ନଂ. ୧୫୫/୨୧) ରୁଜୁ କରିଛି। ସେମାନଙ୍କ ନାଁରେ ଦଫା ୪୨୦, ୪୬୫, ୪୬୬,୪୬୭, ୪୬୮,୧୬୬,୧୬୭, ୧୮, ୨୧୭, ୨୧୮, ୨୯୪, ୩୨୩, ୫୦୬ ଓ ୩୪ ଲାଗିଛି। ସୂଚନା ଅନୁଯାୟୀ, ପାରିବାରିକ ବିବାଦକୁ ନେଇ ଜଟଣୀ ରାଜାବଜାର ଅଞ୍ଚଳର ରବୀନ୍ଦ୍ର କୁମାର ବଳିଆରସିଂହ ଓ ତାଙ୍କ ପୁଅ ସରୋଜ କୁମାର ବଳିଆରସିଂହ ପରସ୍ପର ଅଲଗା ହୋଇଯାଇଥିଲେ। ଏହାପରେ ରବୀନ୍ଦ୍ର ଅନ୍ୟଏକ ପୁଅ ମନୋଜ ପାଖରେ ରହିବା ସହ ନିଜ ନାମରେ ଥିବା ସମ୍ପତ୍ତି ବିକ୍ରି କରିବାକୁ ଯୋଜନା କରିଥିଲେ। ଏହା ଜାଣିବା ପରେ ସରୋଜ ୨୦୧୯ରେ ପୈତୃକ ସମ୍ପତ୍ତିରୁ ଭାଗ ପାଇବା ଲାଗି ଭୁବନେଶ୍ୱର ସିଭିଲ୍ ଜଜ୍ (ସିନିଅର ଡିଭିଜନ)ଙ୍କ ନିକଟରେ ଆବେଦନ କରିଥିଲେ। କୋର୍ଟ ଏହାର ବିଚାର କରି ଜମିବାଡି ବିକ୍ରି ଉପରେ ରହିତାଦେଶ ଜାରି କରିଥିଲେ। ଅଦାଲତଙ୍କ ଏହି ନିର୍ଦ୍ଦେଶନାମାକୁ ସରୋଜ ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ଦାଖଲ କରିଥିଲେ। ଏହାରମାତ୍ର କେଇଦିନ ପରେ ଜଟଣୀ ଖୋଲାଦ୍ୱାର ମୌଜାରେ ଥିବା ଉକ୍ତ ୦.୫୩୯ ଡିସିମିଲ ଜମିକୁ ମନୋଜ ଜଣେ ବିଲଡରଙ୍କୁ ବିକ୍ରି କରିଥିଲେ। କୋର୍ଟଙ୍କ ରହିତାଦେଶ ଥିବା ସତ୍ତ୍ୱେ ଦୁଇଜଣ ସବ୍‌ରେଜିଷ୍ଟ୍ରାର ଉକ୍ତ ବିବାଦୀୟ ଜମିକୁ ବିକ୍ରି କରିବାରେ ସହଯୋଗ କରିବା ସହ ଧମକଚମକ ଦେଉଥିବା ନେଇ ସରୋଜ କୋର୍ଟରେ ଅଭିଯୋଗ କରିଥିଲେ।

### ରଥ କାର୍ଯ୍ୟ ଜୋରଦାର

**ନିରାକାରପୁର,୯।୪ (ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତସ୍ଥ ଶ୍ରୀ କପିଳେଶ୍ୱର ଦେବଙ୍କ ଅଶୋକାଷ୍ଟମୀ ରଥଯାତ୍ରା ଆସନ୍ତା ୨୦ତାରିଖରେ ଅନୁଷ୍ଠିତ ହେବ। ଏନେଇ ରଥଖଳାରେ କୋଭିଡ୍ କଟକଣାରେ ରାମେଶ୍ୱର ପଞ୍ଚାୟତର ବିଶ୍ୱକର୍ମାମାନେ ରଥ କାର୍ଯ୍ୟ ପ୍ରସ୍ତୁତି ଜୋରଦାର ଚଳାଇଛନ୍ତି। ଏହି ଯାତ୍ରାରେ ଆରେଡି ଗ୍ରାମର କପିଳେଶ୍ୱର ଦେବଙ୍କ ବଡ଼ଭାଇ ଗ୍ରାମେଶ୍ୱର ଦେବ ଏବଂ ଭାଉଜ ଗାମେଶ୍ୱରୀ ଏହି ରଥଯାତ୍ରାରେ ସାମିଲ ହୋଇ ରଥାରୁଢ଼ ହେବେ ବୋଲି କପିଳେଶ୍ୱର ଦେବଙ୍କ ପରିଚାଳନା କମିଟର କିଶୋର କୁମାର ଦାସ, ମାନସ ଚନ୍ଦ୍ର ପଟ୍ଟନାୟକ, ସାରଙ୍ଗଧର ମହାପାତ୍ର ସୂଚନା ଦେଇଛନ୍ତି।

### ମାସ୍କ ଚେକିଂ କଡ଼ାକଡ଼ି

**ଜଟଣୀ,୯।୪(ଡି.ଏନ୍.ଏ.):** ଜଟଣୀ ପୌରପ୍ରଶାସନ ପକ୍ଷରୁ ଶୁକ୍ରବାର ସହରର ବିଭିନ୍ନ ଛକରେ ମାସ୍କ ଚେକିଂ କରାଯାଇଥିଲା। କେତେଜଣ ଅମାନିଆଙ୍କଠାରୁ ୧୧୦୦ଟଙ୍କା ଜରିମାନା ଆଦାୟ କରାଯାଇଥିବା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲ୍ଲୀପ ମହାନ୍ତି କହିଛନ୍ତି। ୪ଟି ସ୍କୁଲ ଏବଂ କଲେଜ କର୍ତ୍ତୃପକ୍ଷଙ୍କୁ କୋଭିଡ୍ ଗାଇଡ୍‌ଲାଇନ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ପରିବା ବଜାର, ମାଛ ବଜାର, ଗୋଲେଇ ମାର୍କେଟ, ନ୍ୟୁମାର୍କେଟ, ବଡବଜାର ସମେତ ଅନେକ ସ୍ଥାନରେ କୋଭିଡ୍ ନିୟମ ଉଲ୍ଲଂଘନ ହେଉଥିବା ଦେଖିବାକୁ ମିଳିଛି।

# ଟ୍ରକ୍ ଧକ୍କାରେ ବ୍ୟବସାୟୀ ମୃତ, ଉତ୍ତେଜନା

**ଜଟଣୀ,୯।୪(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅନ୍ତର୍ଗତ ଫୁଡ କର୍ପୋରେଶନ ଅଫ ଇଣ୍ଡିଆ ଗୋଦାମ ନିକଟରେ ଶୁକ୍ରବାର ଏକ ଟ୍ରକ୍ ଧକ୍କାରେ ଜଣେ ପରିବା ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ କନ୍ତିଆ ଗ୍ରାମ ତଳସାହିର ନବ କିଶୋର ସ୍ୱାଇଁ। ଦୁର୍ଘଟଣାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା।

ସୂଚନା ମୁତାବକ, କନ୍ତିଆ ଗ୍ରାମ ତଳସାହିର ନବକିଶୋର ଜଟଣୀ ବଜାରରେ ପରିବା ବିକ୍ରି କରି ପରିବାର ପ୍ରତିପୋଷଣ କରନ୍ତି। ଶୁକ୍ରବାର ପୂର୍ବାହ୍ନ ପ୍ରାୟ ସାଢେ ୧୦ଟାରେ ଜଟଣୀ ବଜାରରୁ କାର୍ଯ୍ୟସାରି ସେ ସାଇକେଲରେ ଘରକୁ ଫେରୁଥିଲେ। ଏହି ସମୟରେ ଜଟଣୀ

### ଟ୍ରକ୍ ଜବତ, ଚାଳକ ଅଟକ


ଉତ୍ତ୍ୟକ୍ତ ଲୋକେ ଗାଡି ଆଗକାଚ ଭାଙ୍ଗିବା ସହ ଅଟକାଇ ରଖିଛନ୍ତି।

ପଟୁ ଉକ୍ତ ଗ୍ରାମ ଅଭିମୁଖେ ଯାଉଥିବା ଏକ ଟ୍ରକ୍ (ଓଆର୦୨ଏବି୪୮୫୪) ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ନବକିଶୋରଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌ର ଆଗ କାଚକୁ ଭାଙ୍ଗି ଦେଇଥିଲେ। ମୃତକଙ୍କ ପରିବାରକୁ କ୍ଷତିପୂରଣ, ରାସ୍ତା ପ୍ରଶସ୍ତୀକରଣ ଏବଂ ଭାରିଯାନ ଚଳାଚଳ ବନ୍ଦ କରିବାକୁ ଦାବି କରିଥିଲେ। ଖବରପାଇ ଜଟଣୀ ପୋଲିସ ଏବଂ ରେଲ୍‌ୱେ ସୁରକ୍ଷା ବଳର କର୍ମଚାରୀ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଆଇଆଇସି ବିଶ୍ୱରଞ୍ଜନ ସାହୁ ସରକାରୀ ନିୟମ ଅନୁଯାୟୀ ଆର୍ଥିକ ସହାୟତା ଯୋଗାଇଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସ୍ଥିତି ନିୟନ୍ତ୍ରଣ ହୋଇଥିଲା। ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏନେଇ ଥାନାରେ ଏକ ମାମଲା(ନଂ.୧୮୫/୨୧) ରୁଜୁ ହୋଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌କୁ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

# ଟ୍ରେନ୍ ଯାତ୍ରୀଙ୍କୁ ଭୟଭୀତ ନ ହେବାକୁ ପରାମର୍ଶ

**ଜଟଣୀ,୯।୪(ଡି.ଏନ୍.ଏ.)**

ପୂର୍ବତଟ ରେଳପଥ ଅଧୀନରେ ଥିବା ବିଭିନ୍ନ ରେଳଷ୍ଟେଶନ ଏବଂ ଟ୍ରେନ୍‌ରେ କୋଭିଡ୍ କଟକଣା ଉଲ୍ଲଂଘନ କରାଯାଉଥିବା ନେଇ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେଉଛି। ଫଳରେ ଯାତ୍ରୀଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି। ଏନେଇ ଖୋର୍ଦ୍ଧାରୋଡ ରେଳମଣ୍ଡଳ ପ୍ରବନ୍ଧକ ଶିଶିକାନ୍ତ ସିଂ କହିଛନ୍ତି, ଟିକେଟ୍ ପାଇଁ ଯାତ୍ରୀଙ୍କ ନିମନ୍ତେ ତତ୍କାଳ ଏବଂ ନିୟମିତ ସଂରକ୍ଷଣ ଟିକେଟ୍ କାଉଣ୍ଟର ଖୋଲାଯାଇଛି। ଯାଞ୍ଚ କରାଯାଇ ନିଶ୍ଚିତ ସଂରକ୍ଷିତ ଟିକେଟ୍ ଥିବା ଯାତ୍ରୀଙ୍କୁ କେବଳ ପ୍ଲାଟଫର୍ମ ଭିତରକୁ ଯିବାକୁ ଅନୁମତି ପ୍ରଦାନ ସହ ଟ୍ରେନ୍‌ରେ ଯାତ୍ରା ପାଇଁ ଛଡାଯାଉଛି। ଷ୍ଟେଶନ ପରିସର ଏବଂ ଟ୍ରେନ ମଧ୍ୟକୁ ପ୍ରବେଶ ଏବଂ ପ୍ରସ୍ଥାନ ସମୟରେ ସମସ୍ତଙ୍କର ସ୍କ୍ରିନିଂ କରାଯିବା ସହ ମାସ୍କ ପରିଧାନ ଏବଂ ସାମାଜିକ ଦୂରତ୍ୱ ରକ୍ଷା କରିବା ପାଇଁ ନିୟମିତ ଡାକବାଜି ଯନ୍ତ୍ରରେ ଯାତ୍ରୀଙ୍କୁ ସଚେତନ କରାଯାଉଛି। ଆବଶ୍ୟକତା ଥିବା ରୁଟ୍‌ରେ ଟ୍ରେନ୍ ଚଳାଚଳ କରାଯାଉଛି। ଯାତ୍ରୀଙ୍କ ସୁବିଧା ନିମନ୍ତେ ସ୍ୱତନ୍ତ୍ର ଟ୍ରେନ୍‌ରେ ଅତିରିକ୍ତ କୋଚ୍ ଲଗାଯାଇ ପୂର୍ବତଟ ରେଳପଥ ପକ୍ଷରୁ ସେବା ଯୋଗାଇ ଦିଆଯାଉଛି। ଏହି ସମୟରେ ବିଭ୍ରାନ୍ତିକର ଖବର ସାମାଜିକ ଗଣମାଧ୍ୟମରେ ପ୍ରସାରିତ କରି ରେଳମଣ୍ଡଳର ଛବିକୁ ଖରାପ କରିବାକୁ ଚେଷ୍ଟା ଚଳାଇଛନ୍ତି। ମିଥ୍ୟା ଖବରରେ ଭୟଭୀତ ନ ହୋଇ ରେଳ ସେବାର ସୁଯୋଗ ନେବା ସହିତ କୋଭିଡ୍ ବିରୋଧରେ ଲଢ଼ିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

# ବର୍ଦ୍ଧିତ ବିଦ୍ୟୁତ୍ ଶୁଳ୍କ ପ୍ରତ୍ୟାହାର କର

**ଖୋର୍ଦ୍ଧା ଅଫିସ,୯।୪**

ବର୍ଦ୍ଧିତ ବିଦ୍ୟୁତ୍ ଶୁଳ୍କ ପ୍ରତ୍ୟାହାର ଦାବିରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଆଞ୍ଚଳିକ କମିଟି, ଖୋର୍ଦ୍ଧା ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଟାଉନହଲ ଛକରେ ପ୍ରତିବାଦ କରାଯାଇଥିଲା। ସରକାର ଶିଳ୍ପପତିଙ୍କୁ ଅନୁକମ୍ପା ଦେଖାଇ ବିଦ୍ୟୁତ୍ ବିଭାଗ ଘରୋଇ ସଂସ୍ଥା ହାତକୁ ଟେକି ଦେଲେ। ଘରୋଇ ସଂସ୍ଥାଗୁଡିକ ଲୋକଙ୍କ ସ୍ୱାର୍ଥ ପରିବର୍ତ୍ତେ ନିଜ ସ୍ୱାର୍ଥକୁ ଗୁରୁତ୍ୱ ଦେଉଛନ୍ତି। ବିଦ୍ୟୁତ୍ ଦର ବୃଦ୍ଧି ଯୋଗୁ ଏହାର ପ୍ରଭାବ ସାଧାରଣ ଉପଭୋକ୍ତାଙ୍କ ଉପରେ ପଡ଼ିବ। ସରକାର ଏଥିପ୍ରତି ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ଏସ୍‌ୟୁସିଆଇ କମିଟି ସମ୍ପାଦକ ଅଶୋକ ସାହୁ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଛାତ୍ର ନେତା ଜୟନ୍ତ ମହାନ୍ତି, ଅବିନାଶ ପ୍ରଧାନ, ଶ୍ରୀକାନ୍ତ ନାଏକ, ସଂଘମିତ୍ରା ମହାପାତ୍ର, ଲୋକନାଥ ରାଉଳ, ମନୋଜ ଭୁଆଁ, ଦିନେଶ ଭୁଆଁଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

# କୂଅରୁ ଗଳିତ ମୃତଦେହ ଠାବ

**ବେଗୁନିଆ,୯।୪(ଡି.ଏନ୍.ଏ.)**

ବେଗୁନିଆ ଥାନା ବୋଲଗଡ଼ ବ୍ଲକ ଅନ୍ତର୍ଗତ ଖଣତି ଗ୍ରାମର ଏକ ପରିତ୍ୟକ୍ତ କୂଅରୁ ଶୁକ୍ରବାର ରାତିରେ ଏକ ଗଳିତ ମୃତଦେହ ଠାବ ହୋଇଛି। ମିଳିଥିବା ସୂଚନା ମୁତାବକ, ଖଣତି ଗ୍ରାମର ଏକ ପରିବାର ଦୀର୍ଘ ଦିନ ହେବ ଗାଁ ଛାଡି ଅନ୍ୟତ୍ର ରହୁଛନ୍ତି। କୌଣସି କାମରେ ଏହି ପରିବାରର ଜଣେ ସଦସ୍ୟ ଶୁକ୍ରବାର ଘରକୁ ଆସିଥିଲେ। ଘର ଚତୁଃପାର୍ଶ୍ୱରେ ବୁଲୁଥିବା ବେଳେ ଦୁର୍ଗନ୍ଧ ହେଉଥିବା ଜାଣି ପଡ଼ୋଶୀଙ୍କୁ ଡାକିଥିଲେ। ତାଙ୍କ ବାରିରେ ଥିବା ପରିତ୍ୟକ୍ତ କୂଅରେ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ଏହି ଖବର ପ୍ରଚାରିତ ହେବା ପରେ ବେଗୁନିଆ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ମୃତଦେହ ଗଳିତ ହୋଇଥିବାରୁ ଜବତ ପାଇଁ ପୋଲିସର ଉପସ୍ଥିତି ଆବଶ୍ୟକ ବୋଲି କହିଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ମୃତଦେହକୁ କୂଅରୁ ଜବତ କରାଯାଇ ନ ଥିବା ଜଣାପଡ଼ିଛି। ଏନେଇ ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ କହିଛନ୍ତି, ଘଟଣାସ୍ଥଳକୁ ପୋଲିସ କର୍ମଚାରୀ ଯାଇଛନ୍ତି। ଉକ୍ତ ଗ୍ରାମର ନିଖୋଜ ଥିବା ମହିଳାଙ୍କ ପରିବାର ପକ୍ଷରୁ ଦିଆଯାଇଥିବା ଏତଲା ଏବଂ ଘଟଣାର ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରାଯିବ। ମୃତଦେହ ଜବତ କରାଯାଇ ବ୍ୟବଚ୍ଛେଦ ପରେ ସତ୍ୟତା ଜଣାପଡ଼ିବ ବୋଲି ସେ କହିଛନ୍ତି।

# ବନ୍ଦ ହେଲା ଖୋର୍ଦ୍ଧା କପ୍ ଟି୨୦

**ଖୋର୍ଦ୍ଧା ଅଫିସ,୯।୪**

କ୍ରିକେଟ ଆସୋସିଏଶନ ଅଫ ଖୋର୍ଦ୍ଧା ଡିଷ୍ଟ୍ରିକ୍ଟସ ପକ୍ଷରୁ ସ୍ଥାନୀୟ ବିଜେବି ହାଇସ୍କୁଲ ପଡିଆରେ ଚାଲିଥିବା ୪ର୍ଥ ସର୍ବଭାରତୀୟ ଫ୍ଲଡ୍‌ଲାଇଟ ଖୋର୍ଦ୍ଧା କପ୍ ଟି୨୦ କ୍ରିକେଟ ଟୁର୍ନାମେଣ୍ଟକୁ ଜିଲା ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଛି। କୋଭିଡ୍-୧୯ ଦ୍ୱିତୀୟ ଲହରକୁ ଦୃଷ୍ଟିରେ ରଖି ଏହି ଟୁର୍ନାମେଣ୍ଟକୁ ବନ୍ଦ କରାଯାଇଛି ବୋଲି ଉପଜିଲାପାଳ ଅଶୋକ ବେହୁରିଆ କହିଛନ୍ତି। ପ୍ରକାଶ ଯେ, ଗତ ୪ତାରିଖରୁ ଏହି ଟୁର୍ନାମେଣ୍ଟ ଆରମ୍ଭ ହୋଇଥିଲା। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ରାଜ୍ୟ ବାହାରୁ ରାଞ୍ଚି ରେଳବାଇ ଏବଂ ଦିଲ୍ଲୀ ସେକ୍ରେଟାରିଏଟ ଦଳ ରହିଥିଲା। ଏହି ଟୁର୍ନାମେଣ୍ଟ ୧୧ତାରିଖରେ ଉଦ୍‌ଯାପିତ ହେବାକୁ ଥିବାବେଳେ ଗୋଟିଏ ସେମିଫାଇନାଲ ମ୍ୟାଚ ସରିଥିଲା। ଗୁରୁବାର ଉପଜିଲାପାଳ ବେହୁରିଆ କାର୍ଯ୍ୟାଳୟ ପତ୍ରାଙ୍କ ୧୭୩୨/୮।୪।୨୧ ପ୍ରକାରେ କରୋନା ଦ୍ୱିତୀୟ ଲହରର ଭୟାବହତାକୁ ଉପଲବ୍ଧି କରି ବନ୍ଦ କରାଯାଇଥିବା ନେଇ ଆୟୋଜକ କମିଟି ସମ୍ପାଦକଙ୍କ ନିକଟକୁ ଚିଠି ଲେଖି ଜଣାଇଛନ୍ତି। ଏନେଇ ଆୟୋଜକ କମିଟିଙ୍କ ପକ୍ଷରୁ କୌଣସି ମତାମତ ମିଳିପାରିନାହିଁ।

# ଗୋଳବାଇ ମେଳଣରେ ୪୫ ବିମାନ



**ନିରାକାରପୁର,୯।୪(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଗୋଳବାଇର ପ୍ରସିଦ୍ଧ ଦଶଦୋଳ ମେଳଣ ଯାତ୍ରା କୋଭିଡ୍ କଟକଣା ମଧ୍ୟରେ ଗତ ୭ ତାରିଖ ବିଳମ୍ବିତ ରାତିରେ ଜମାଣ ଆରମ୍ଭ ହୋଇ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଗ୍ରାମର ଇଷ୍ଟଦେବୀ ମା' ଭଗବତୀଙ୍କୁ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ଏକ ସୁସଜ୍ଜିତ ବିମାନରେ ଗ୍ରାମ ପରିକ୍ରମା କରାଯାଇ ଦୋଳରୁ ମନ୍ଦିରକୁ ନିଆଯାଇଥିଲା। ଭଗବତୀଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ଖଇକୋରା, ସାକର, ଉଖୁଡ଼ା, ନଡିଆ ଏବଂ ବିଭିନ୍ନ ଫଳରେ ପ୍ରସ୍ତୁତ ପଣା ଅର୍ପଣ କରାଯାଇଥିଲା। କରୋନା କଟକଣା ଯୋଗୁ ସମସ୍ତ ଶୋଭାଯାତ୍ରା ବନ୍ଦ ରହିଥିଲା। ଅନୁରୂପଭାବେ ପଡୋଶୀ ପଞ୍ଚାୟତର ଆମନ୍ତ୍ରିତ ୪୫ ଦୋଳ ବିମାନ ମେଳଣ ପଡିଆରେ ଆସନ କରାଯାଇଥିଲା। ପୂର୍ବଭଳି କୌଣସି ଉଠା ଦୋକାନ ବଜାର ଦେଖିବାକୁ ମିଳି ନ ଥିଲା। କେବଳ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଫଗୁଖେଳକୁ ବାଦ୍‌ଦେଲେ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଫିକା ପଡ଼ିଥିଲା।

# ଫାଇନାଲରେ ଶରଧାପୁର କ୍ଲବ


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

**ଖୋର୍ଦ୍ଧା ଅଫିସ,୯।୪**

କେରଙ୍ଗ ଅହମ୍ମଦୀୟା ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଶୁକ୍ରବାର ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଶାରଳା କ୍ଲବ ଗୁଣ୍ଡିଚାପଡାକୁ ୧-୦ରେ ହରାଇ ଏସ୍‌ଏସ୍‌ଏ ଶରଧାପୁର କ୍ଲବ ବିଜୟୀ ହେବା ସହ ଫାଇନାଲକୁ ପ୍ରବେଶ କରିଛି। ରାଜୁ ମହାନ୍ତି, ପ୍ରଫୁଲ୍ଲ ବେହେରା, ଗିରିଶ ଚନ୍ଦ୍ର ଜାନି, ସଗିର ଅହମ୍ମଦ ଏବଂ ଅମଜାଦ ଖାଁ ମ୍ୟାଚ୍ ପରିଚାଳନା କରିଥିଲେ। ଜିଲାପରିଷଦ ସଭ୍ୟା ବିଜୟନୀ ବେହେରା, ହଳଦିଆ କଲେଜ ଅଧକ୍ଷ ବିଜୟ ଭଞ୍ଜ, ଖବରଦାତା ଗୋପାଳ ପ୍ରଧାନ ପ୍ରମୁଖ ମ୍ୟାଚରେ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶନିବାର ଦ୍ୱିତୀୟ ସେମିଫାଇନାଲ କରଡ଼ାପଲ୍ଲୀ ଏବଂ ଭୁବନେଶ୍ୱର ମଧ୍ୟରେ ଖେଳାଯିବ ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଛି।

# ଖୋର୍ଦ୍ଧା ଜିଲା: ୭୩,୫୯୦ ନେଲେଣି ଟିକା

**ଖୋର୍ଦ୍ଧା ଅଫିସ,୯।୪**

ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିଚାଲିଛି। ଶୁକ୍ରବାର ଖୋର୍ଦ୍ଧା ଜିଲାରେ ୧୯୨ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏନେଇ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଜିଲାର ବିଭିନ୍ନ ସ୍ଥାନରେ କୋଭିଡ୍ ଏନଫୋର୍ସମେଣ୍ଟକୁ କଡ଼ାକଡ଼ି କରାଯାଇଛି। ସକାଳ ୮ଟାରୁ ରାତି ୮ଟା ପର୍ଯ୍ୟନ୍ତ ବିଭିନ୍ନ ଛକ, ଜନଗହଳି ସ୍ଥାନ, ଦୋକନ, ବଜାର, ବ୍ୟବସାୟିକ ପ୍ରତିଷ୍ଠାନରେ ପ୍ରଶାସନ ଏବଂ ପୋଲିସ ପକ୍ଷରୁ ମାସ୍କ ଚେକିଂ କରାଯାଉଛି। କୋଭିଡ୍ ନିୟନ୍ତ୍ରଣ ଲାଗି ଜିଲାରେ କୋଭିଡ୍ କେୟାର କେନ୍ଦ୍ରକୁ ପ୍ରସ୍ତୁତ ରଖାଯାଇଛି। ଅନ୍ୟପଟେ ଜିଲାର ୩୧ଟି କେନ୍ଦ୍ରରେ ୪୫ ଏବଂ ୬୦ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଟିକା ଦିଆଯାଉଛି। ଶୁକ୍ରବାର ୧୫ଟି କେନ୍ଦ୍ରରେ ୨୭୩୨ଜଣଙ୍କୁ ଟିକା ଦିଆଯାଇଛି। ସେଥିରୁ ଆଗଧାଡିର କର୍ମଚାରୀ ୧୫୭ ଓ ହେଲ୍‌ଥ କେୟାର କର୍ମଚାରୀ ୧୩ଜଣଙ୍କୁ ଦ୍ୱିତୀୟ ଡୋଜ ଦିଆଯାଇଛି। ୪୫ବର୍ଷରୁ ଉର୍ଦ୍ଧ୍ୱ ୧୫୮୬ ଓ ୬୦ବର୍ଷରୁ ଉର୍ଦ୍ଧ୍ୱ ୭୭୬ଜଣଙ୍କୁ ପ୍ରଥମ ଡୋଜ ଏବଂ ୪୫ବର୍ଷରୁ ଉର୍ଦ୍ଧ୍ୱ ୨୯ ଓ ୬୦ବର୍ଷରୁ ଉର୍ଦ୍ଧ୍ୱ ୧୭୧ଜଣଙ୍କୁ ଦ୍ୱିତୀୟ ଡୋଜ ଦିଆଯାଇଛି। ଦିନକରେ ଟିକାହାର ୫୯ପ୍ରତିଶତ ରହିଛି। ସେହିପରି ଜିଲାରେ ଏଫଏଲଡବ୍ଲ୍ୟୁ ୫୭୯୯ ଟାର୍ଗେଟ ରହିଥିବା ବେଳେ ୭୮୪୫ ପ୍ରଥମ ଡୋଜ ଓ ୬୩୩୫ଜଣ ଦ୍ୱିତୀୟ ଡୋଜ ଟିକା ନେଇଛନ୍ତି। ଏଚ୍‌ସିଡବ୍ଲ୍ୟୁରେ ୮୬୩୯ ଟାର୍ଗେଟ ରହିଥିବା ବେଳେ ୭୯୮୬ ପ୍ରଥମ ଡୋଜ ଓ ୬୭୫୪ ଜଣ ଦ୍ୱିତୀୟ ଡୋଜ ଟିକା ନେଇଛନ୍ତି। ଶୁକ୍ରବାର ସୁଦ୍ଧା ୪୫ ଓ ୬୦ବର୍ଷରୁ ଉର୍ଦ୍ଧ୍ୱ ୭୩୫୯୦ ଟିକା ନେଇଛନ୍ତି। ସେଥିରୁ ୪୫ବର୍ଷରୁ ଉର୍ଦ୍ଧ୍ୱ୨୪୪୧୬ ପ୍ରଥମ ଓ ୫୧ଜଣ ଦ୍ୱିତୀୟ ଡୋଜ ଟିକା ନେଇଛନ୍ତି। ୬୦ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ୪୮୭୧୬ ପ୍ରଥମ ଏବଂ ୪୦୭ ଦ୍ୱିତୀୟ ଡୋଜ ଟିକା ନେଇଛନ୍ତି।



## ବିନା ମାସ୍କରେ ଘରୁ ବାହାରନ୍ତୁ ନାହିଁ

ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ପରେ ଜିଲାରେ କୋଭିଡ୍ ନିୟନ୍ତ୍ରଣ ଲାଗି ପ୍ରଥମ ପର୍ଯ୍ୟାୟରେ ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ, ବ୍ୟବସାୟିକ ମହାସଂଘ ଏବଂ ବିଭିନ୍ନ ଅନୁଷ୍ଠାନ କର୍ମକର୍ତ୍ତାଙ୍କୁ ନେଇ ଆଲୋଚନା କରାଯାଇଛି। ବିନା ମାସ୍କରେ ଘରୁ ବାହାରନ୍ତୁ ନାହିଁ। ସାନିଟାଇଜର ପାଖରେ ରଖନ୍ତୁ। ନିଜ ହାତକୁ ସମୟ ଅନ୍ତରାଳରେ ଧୁଅନ୍ତୁ। ସର୍ତ୍ତକତା ହେଉଛି ଏକମାତ୍ର ମାଧ୍ୟମ। ବିନା ମାସ୍କରେ ଧରାପଡିଲେ ଜରିମାନା ଆଦାୟ କରାଯିବ। ବାରମ୍ବାର ଅନୁରୋଧ ସତ୍ତ୍ୱେ କେତେଜଣ ଅମାନିଆ ମାନୁନାହାନ୍ତି। ପ୍ରଶାସନର ଜରିମାନା ଆଦାୟ ଲକ୍ଷ୍ୟ ନୁହଁ, ସଂକ୍ରମଣକୁ ଏଡ଼ାଇବା ଲାଗି ମାସ୍କ ନିତାନ୍ତ ଆବଶ୍ୟକ। ସମାଜର ସଚେତନ ନାଗରିକ ଭାବେ କୋଭିଡ୍ ଗାଇଡ୍‌ଲାଇନକୁ ପାଳନ କରିବାକୁ ଜିଲାପାଳ ସନତ ମହାନ୍ତି ଗଣମାଧ୍ୟମ ଜରିଆରେ ଜିଲାବାସୀଙ୍କୁ ନିବେଦନ କରିଛନ୍ତି।

## ଦିନକରେ ୯୦୧ଜଣଙ୍କ କୋଭିଡ୍ ପରୀକ୍ଷା

ଖୋର୍ଦ୍ଧା ଜିଲାର ୧୦ଟି ବ୍ଲକରେ ଶୁକ୍ରବାର ୯୦୧ଜଣଙ୍କ କୋଭିଡ୍ ପରୀକ୍ଷା କରାଯାଇଛି। ସେଥିରୁ ୬୧୯ ଆଣ୍ଟିଜେନ ଏବଂ ଆରଟିପିସିଆର ୨୮୨ଜଣଙ୍କ ପରୀକ୍ଷା କରାଯାଇଛି। ତେବେ ଶୁକ୍ରବାର ସୁଦ୍ଧା ଜିଲାରେ ମୋଟ୍ ୨,୯୨,୬୧୩ ଜଣଙ୍କ କୋଭିଡ ପରୀକ୍ଷା କରାଯାଇଛି। ସେଥିରୁ ଆଣ୍ଟିଜେନ ଟେଷ୍ଟ୨୧୭୩୭୧, ଟ୍ରୁ-ନାଟ ୬୧୬ ଏବଂ ଆରଟିପିସିଆର ୭୪୬୨୬ ପରୀକ୍ଷା କରାଯାଇଛି।


**ସେନ୍ଟ୍ରଲ ମାଇନ ପ୍ଲାନିଂ एण्ड डिजाइन इन्स्टीच्यूट लिमिटेड**
**CENTRAL MINE PLANNING & DESIGN INSTITUTE LIMITED**
(A Subsidiary of Coal India Ltd.)
Gondwana Place, Kanke Road, Ranchi - 834031, Jharkhand, India

**NOTICE**

**"Due to outburst of COVID-19, the written test for recruitment to the post of Jr. Sc. Asst. Gr.II in CMPDI scheduled to be held on 11.04.2021 has been postponed till further order."**



**सेन्ट्रल माइन प्लानिंग एण्ड डिजाइन इन्स्टीच्यूट लिमिटेड**
**CENTRAL MINE PLANNING & DESIGN INSTITUTE LIMITED**
(A Subsidiary of Coal India Ltd.)
Gondwana Place, Kanke Road, Ranchi - 834031, Jharkhand, India

**NOTICE**

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in/** respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in.** In addition, procurement is also done through GeM portal **https://gem.gov.in"**



**ସର୍ବସାଧାରଣ ବିଜ୍ଞପ୍ତି**

**ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ୍‌ୱେଜ୍ ପ୍ରା. ଲିଃ**

ଏତଦ୍ୱାରା ସର୍ବସାଧାରଣଙ୍କୁ ଅଧିସୂଚିତ କରାଯାଉଛି ଯେ, ରାଜପତ୍ର ଅଧିସୂଚନା ସଂଖ୍ୟା ଏସ୍.ଓ.୨୪୨୧(ଇ) ଅନୁଯାୟୀ ଏନ୍‌ଏଚ୍-୧୬ର ଭୁବନେଶ୍ୱର-ଜଗତପୁର-ଚଣ୍ଡିଖୋଲ ସେକ୍ସନର କି.ମି.୪୧୩.୦୦୦ରୁ କି.ମି. ୪୧୮.୦୦୦ ଏବଂ କି.ମି. ୦୦.୦୦୦ରୁ କି.ମି.୬୨.୦୦୦ ଅଂଶ ନିମନ୍ତେ ନିର୍ମାଣ ଅବଧିରେ କି.ମି. ୩୪.୬୨୪ ଅର୍ଥାତ୍ ଓଡ଼ିଶା ରାଜ୍ୟରେ ମଙ୍ଗୁଳି ଟୋଲ୍ ପ୍ଲାଜା, ଗ୍ରାମ- ହରିଅନ୍ତା, ଜିଲ୍ଲା- କଟକଠାରେ ଟୋଲ୍ ସଂଗ୍ରହକୁ ଅଧିକୃତ କରାଯାଇଥିଲା ।

ଉକ୍ତ ଅଧିସୂଚନା ଛଅ ଲେନିଂ ପରେ କି.ମି. ୪୦.୫୦୦ଠାରେ ଟୋଲ୍ ସଂଗ୍ରହକୁ ମଧ୍ୟ ଅଧିକୃତ କରିଥାଏ । ତେଣୁ, ଉପରୋକ୍ତ ରାଜପତ୍ର ଅଧିସୂଚନା ଅନୁଯାୟୀ, **ତା୧୫।୦୪।୨୦୨୧ରିଖ ୦୦.୦୦ ଘଟିକାଠାରୁ** ମଙ୍ଗୁଳିସ୍ଥିତ କି.ମି. ୩୪.୬୨୪ ପରିବର୍ତ୍ତେ **କି.ମି. ୪୦.୫୦୦,** ଗ୍ରାମ- ବଦାଳୋ, ଟାଙ୍ଗୀ, ଜିଲ୍ଲା- କଟକଠାରେ ଟୋଲ୍ ସଂଗ୍ରହ କରାଯିବ ।



**OFFICE OF THE MUNICIPAL COUNCIL, SUNABEDA**

Letter No.1250 Date:8.4.21

**TENDER CALL NOTICE**

No.-C-60:- Sealed tenders are invited from intending Company Authorized Dealers to supply and fitting of playing equipments, fountain, outdoor GYM Equipment & topiary for fixing at different parks of Sunabeda Municipality.

The sealed tender should reach before the undersigned on or before 20.04.2021 by 1.00 P.M. and the same will be opened on the same day at 4.00 P.M. in presence of the tenderers or their authorized agents in the Office of Municipal Council, Sunabeda. The tender reached after due date will not be entertained.

i) The rate should be tendered including all taxes and delivery charges. The tenderers should submit the GST clearance certificate upto March-2021, Pan Card etc. along with the tender paper.
ii) The civil work will be inspected by the technical persons of the Municipality and all the equipments installation shall be under keen supervision of technical persons of Sunabeda Municipality.
iii) The required EMD of Rs.15,000/- (Rupees fifteen thousand only) & the cost of tender paper of Rs.2000/- (Rupees two thousand only) non refundable should be submit separately in shape of Demand Draft/Banker Cheques from any Nationalized Bank drawn in favour of the Executive Officer, Sunabeda Municipality, failing which the tender will be rejected. The tender paper shall be available from 09.04.2021 at 11.00 A.M. to 19.04.2021 at 5.00 P.M. in our office website i.e. www.sunabedamunicipality.in.
iv) The bill will be paid after certification of technical persons of the Municipality.
v) The undersigned reserves the rights to accept or reject any or all the tender without assigning any reason thereof.

**Sd./- Executive Officer, Sunabeda Municipality**
OIPR-13076/11/0001/2122



**ଏସ୍.ଇ. ରେଳପଥ - ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଆର୍‌ଏମ୍/ଇଏନ୍‌ଜିଜି/ସିକେପି, ଏସ୍.ଇ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। ଉକ୍ତ ଟେଣ୍ଡର ପାଇଁ ମାନୁଆଲ୍ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। **କ୍ର. ସଂ. ଓ ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; (୧) ସିକେପି-ୱେଷ୍ଟ-୨୧-୨୨-୦୧, ତାରିଖ: ୦୮।୦୪।୨୦୨୧;** ଏଡିଇଏନ୍/ରାଉରକେଲାଙ୍କ କ୍ଷେତ୍ରାଧିକାର ଅଧୀନରେ ବି, ଇ, ସି, ଡି ଏବଂ ଲୋକୋ କଲୋନୀଠାରେ ଆର୍‌ସିସି ଛାତର ଲିକେଜ୍ ଓ ଅନାବୃତ ରିଇନଫୋର୍ସମେଣ୍ଟର ମରାମତି; ₹୨,୩୪,୭୯,୨୨୩.୬୬ । **(୨) ସିକେପି-ୱେଷ୍ଟ-୨୧-୨୨-୦୨, ତାରିଖ: ୦୮।୦୪।୨୦୨୧;** ଏସ୍‌ଏସ୍‌ଇ/ୱାର୍କସ୍-II/ବଣ୍ଡମୁଣ୍ଡାଙ୍କ କ୍ଷେତ୍ରାଧିକାର ଅଧୀନରେ 'ବି' ଏବଂ 'ସି' ସେକ୍ଟର ବଣ୍ଡମୁଣ୍ଡାଠାରେ ପୃଥକ କୀର୍ଣ୍ଣଶୀର୍ଣ୍ଣ ମାସୋନାରି ଓ.ଏଚ୍. ଟାଙ୍କିର ୱାଟର ଷ୍ଟୋରେଜ୍ ଟାଙ୍କି ଦ୍ୱାରା ମରାମତି କରିବା; ₹୮୧,୩୭,୧୭୩.୩୯ । **ଇଏମ୍‌ଡି:** ଉଭୟ ପାଇଁ ୦.୦ । **ଟେଣ୍ଡର ଫର୍ମ ମୂଲ୍ୟ:** ଉଭୟ ପାଇଁ ୦.୦ । **ଖୋଲାଯିବା ତାରିଖ:** ଉଭୟ ପାଇଁ ୦୬।୦୫।୨୦୨୧ । ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in**ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡ଼ରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗନେଚର୍ ସାର୍ଟିଫିକେଟ୍ ରହିଥିବ ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ପର୍କିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କୁ ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ (କର୍ତ୍ତୃପକ୍ଷ: ରେଲ୍‌ୱେ ବୋର୍ଡ ପତ୍ର ସଂ. ୨୦୨୦/ସିଇ-I/ସିଟି/୩ଇ/ଜିସିସି/ପଲିସି, ତାରିଖ ୧୬।୦୭।୨୦୨୦)

(PR-11)



**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/20-21/E-Tender/65 ତା.06.04.2021ରିଖ

(1) ଟେଣ୍ଡର ବିଜ୍ଞପ୍ତି ସଂ. e-Tender-CENTKUR-294-2020, ତା.25.03.2021ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ମଣ୍ଡଳ ଯନ୍ତ୍ରୀ (କେନ୍ଦ୍ରୀୟ) ପରିସୀମା ଅଧୀନସ୍ଥ ରେତଙ୍ଗ, ପଟିଆ, ବାରଙ୍ଗ ଏବଂ ନରାଜ ମାର୍ଥପୁର ଷ୍ଟେସନଗୁଡ଼ିକ ଠାରେ ହାଇ ଲେଭେଲ (high level) ପର୍ଯ୍ୟନ୍ତ ପ୍ଲାଟଫର୍ମ ଉପରକୁ ଉଠାଇବା ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :
287.81 ଲକ୍ଷ, ଶେଷ ହେବା ଅବଧି : 10 (ଦଶ) ମାସ

(2) ଟେଣ୍ଡର ବିଜ୍ଞପ୍ତି ସଂ. e-Tender-EASTKUR-296-2020, ତା.30.03.2021ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ-II, କଟକ ପରିସୀମା ଅଧୀନସ୍ଥ କଟକ-ପାରାଦ୍ୱୀପ ସେକ୍ସନ ମଧ୍ୟସ୍ଥ ପ୍ୟାଚ୍‌ଗୁଡ଼ିକରେ ଅପ୍ ଏବଂ ଡାଉନ୍ ଲାଇନ୍‌ରେ 12.70 କି.ମି. ଥ୍ରୁ ସ୍ଲିପର ନବୀକରଣ କାର୍ଯ୍ୟ ସମ୍ପାଦନ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :
326.75 ଲକ୍ଷ, ଶେଷ ହେବା ଅବଧି : 12 (ବାର) ମାସ

(3) ଟେଣ୍ଡର ବିଜ୍ଞପ୍ତି ସଂ. e-Tender-SouthKUR-299-2020, ତା.31.03.2021ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ(ଦକ୍ଷିଣ) ପରିସୀମା ଅଧୀନସ୍ଥ ବିଭିନ୍ନ ୟାର୍ଡ଼ ଲାଇନ୍‌ଗୁଡ଼ିକଠାରେ 15.135 କି.ମି. କମ୍ପ୍ଲିଟ୍ ଟ୍ରାକ୍ ନବୀକରଣ (ସେକେଣ୍ଡାରୀ) କାର୍ଯ୍ୟ ସମ୍ପାଦନ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :
307.67 ଲକ୍ଷ, ଶେଷ ହେବା ଅବଧି : 18 (ଅଠର)ମାସ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :
ତା.21.04.2021 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍
PR-08/M/21-22